## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ମଇନ୍ଦା, ୯।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବିଂଝାରପୁର ବ୍ଲକ ଚିକଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପଞ୍ଚାୟତ ସଭାପତି ବିପିନ ବିହାରୀ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଂଝାରପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜିତା କୁମାରୀ ଦାସ, ମୁଖ୍ୟବକ୍ତା ଭାବେ ୨୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସମ୍ମାନିତ ଅତିଥି ଭାବେ ଚିକଣା ସରପଞ୍ଚ ପାର୍ବତୀ ମଲିକ, ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ବିଡିଓ ଦିବ୍ୟେନ୍ଦୁ ଦାସ, ପିଇଓ ଅବିନିଶ ପାତ୍ର, ବିକାଶ ରଞ୍ଜନ ରାଉତ, ସମିତିସଭ୍ୟା ସ୍ୱର୍ଣ୍ଣଲତା ବେହେରା, ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ, ପୂର୍ବତନ ଛାତ୍ର ବିଜେଡି ସଭାପତି ଜିତେନ୍ଦ୍ର ପ୍ରଧାନ, ସମାଜସେବୀ ଶ୍ରୀଧର ମଲିକ, ସମାଜସେବୀ ପର୍ଶୁରାମ କବି, ମନୋରମା ପଣ୍ଡା, ମୁରଲୀଧର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏ ଅବସରରେ ନୃତ୍ୟ, ସଙ୍ଗୀତ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ପ୍ରତିଭାକୁ ମାନପତ୍ର ସହିତ ଉପହାର ପ୍ରଦାନ କରାଯାଇଥିଲା। ସୂରଜ ସାହୁ, ପଞ୍ଚାୟତ ଛାତ୍ର ବିଜେଡି ସଭାପତି ସ୍ମୃତିରଞ୍ଜନ ରାଉତ, ପ୍ରଦୀପ ମଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନାମ ଯେନା, ବିଜେଡି କର୍ମୀ ସହଯୋଗ କରିଥିଲେ।

### କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଯାଜପୁର ଗସ୍ତ

# ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା; ଅଙ୍ଗନବାଡ଼ି ଗୃହକୁ ଗୁରୁତ୍ୱ

ଯାଜପୁର, ୯।୨(ସମିସ)



ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ରାଜ୍ୟ ସରକାରଙ୍କ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗ ନଗର) ଲଙ୍କେଶ୍ୱର୍ ଅମାଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟଙ୍କ ଉପସ୍ଥିତିରେ ସମସ୍ତ ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀଙ୍କ ସହ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଥିଲେ।

ଚଳିତ ବର୍ଷ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ପ୍ରକଳ୍ପ କାର୍ଯ୍ୟ ସମାପନ କରିବା, ଜାଗା ସମସ୍ୟା ଥିବା ପ୍ରକଳ୍ପର ତହସିଲଦାରଙ୍କ ଅବଗତିକୁ ନେଇ ଉକ୍ତ ପ୍ରକଳ୍ପର କାର୍ଯ୍ୟ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ପୂର୍ତ୍ତ, ଜଳସେଚନ, କୃଷି, ଉଠାଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ନିର୍ମାଣ, ରାଜସ୍ୱ, ଜଳସେଚନ, ଅଙ୍ଗନବାଡ଼ି ନିର୍ମାଣ ଆଦି କାର୍ଯ୍ୟ ଉପରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ଅବଗତ ହୋଇଥିଲେ। ନଗଡ଼ା ଅଞ୍ଚଳକୁ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ କ୍ରମାଗତ ତଦାରଖ କରିବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟପକ୍ଷରେ ରାଜସ୍ୱ ଆଦାୟ ବୃଦ୍ଧି କରିବା, ସରକାରୀ ଜମି ଜବରଦଖଲ ମାମଲା ସମାଧାନ କରିବା, ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା, ସାମାଜିକ ସୁରକ୍ଷା ଯୋଜନାକୁ ନେଇ ବିଭିନ୍ନ ଯୋଜନାର ହିତାଧିକାରୀ ଭତ୍ତା ଯୋଜନାକୁ ତ୍ୱରାନିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲ୍ଲା ସମନ୍ୱୟ କମିଟି ବୈଠକ ଡକାଇ ସମସ୍ତ ଯୋଜନାର ରୂପରେଖକୁ ଫଳପ୍ରଦ କରାଇବା ଦିଗରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀନିବାସ କର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସାଲାଉଦ୍ଦିନ ଖାଁ, ଜିଲ୍ଲା ଫିସରି ଅଫିସର ପ୍ରମୋଦ କୁମାର ରାଉତ, ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ କୃତ୍ତିବାସ ବାରିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଉପନିର୍ଦ୍ଦେଶିକା, ପର୍ଯ୍ୟଟନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବିଡିଓ ବଡ଼ଚଣା ରବୀନ୍ଦ୍ର ପ୍ରଧାନ, ଦଶରଥପୁର ତହସିଲଦାର ବିକ୍ରମ ପରିଡ଼ା, ବିଡିଓ ଆକାଶ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଉଦୀପ୍ତ କୁମାର ତ୍ରିପାଠୀଙ୍କ ସମେତ ତହସିଲଦାର, ବିଡିଓ ସ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## କଳାକାର ଓଡ଼ିଶାର ୩୫ତମ ବାର୍ଷିକ ଉତ୍ସବ

**ବାଲିଚନ୍ଦ୍ରପୁର, ୯।୨(ସମିସ):** ସନ୍ଥ ଅରକ୍ଷିତ ଦାସଙ୍କ ମହାନିର୍ବାଣ ଦିବସ ସ୍ମୃତିରେ କଳାକାର ଓଡ଼ିଶାର ୩୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ରାଜ୍ୟସ୍ତରୀୟ ସାଧୁସନ୍ଥ, କବି, କଳାକାର ମହାସମାବେଶ, ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ବାଦ୍ୟ ପରିବେଷଣ ଆଦି କାର୍ଯ୍ୟକ୍ରମ ଓଳାଶୁଣୀ ପାହାଡ ଉପରେ କବି ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ପ୍ରଥମ ପ୍ରାତଃ ଅଧିବେଶନରେ ଉଦ୍‌ଘାଟକ ଭାବେ ଡକ୍ଟର ନାମାନନ୍ଦ ଦାସ ଯୋଗଦେଇ ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ସାଧୁସନ୍ଥ, କବି ଓ କଳାକାରଙ୍କୁ ସ୍ୱାଗତ କରିବା ଅବସରରେ ସନ୍ଥ ଅରକ୍ଷିତ ଦାସଙ୍କ ମୁଖ ନିସୃତ ଅମୃତ ବାଣୀରେ ଉଦ୍‌ବୁଦ୍ଧ ହେବା ପାଇଁ ଉପସ୍ଥିତ ଥିବା ଶ୍ରଦ୍ଧାଳୁଙ୍କୁ ଆହ୍ୱାନ ଦେଇଥିଲେ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟର ରାତ୍ର ଅଧିବେଶନକୁ ଉଦ୍‌ଘାଟନ କରିଥିଲେ ନେମାଳ ପଦ୍ମବନ ଅଚ୍ୟୁତାନନ୍ଦ ଦାସଙ୍କ ପରମ ଭକ୍ତ ମାଳିକା ପ୍ରବଚକ ବାବା ସୁକାନ୍ତ ଦାସ ମହାରାଜ। ଏହି ଉତ୍ସବ ସକାଳ ୬ଘଟିକାରୁ ଆରମ୍ଭ ହୋଇ ଦୀର୍ଘ ୨୪ ଘଣ୍ଟା ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବର୍ଦ୍ଧନା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ଉପଜିଲ୍ଲାପାଳ କୁମରବର ନାୟକ, ବିଶିଷ୍ଟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଆୟକର କମିଶନର ଶୋଭନ କର, ପ୍ରଶାସନିକ ଅଧିକାରୀ ସାରସ୍ୱତ ସାଧକ ନିବାସ ମିଶ୍ର, ବିଶିଷ୍ଟ ଶିକ୍ଷାବିତ କବି ଅଲେଖ ଚନ୍ଦ୍ର ଦାସ, ଡାକ୍ତର ଦୀପକ ରାଜ, ପ୍ରବଚକ ପଣ୍ଡିତ ଶ୍ରୀନିବାସ ରାଉତ, ସନ୍ଥ ଧୋଣ୍ଡରାମ ମହାରାଜ, ଖଣ୍ଡଗିରି ଆଶ୍ରମର ଚଗଲା ବାବା, ଲଙ୍ଗୁଳି ମଠାଧିଶ ପର୍ଶୁରାମ ଦାସ, ସାରସ୍ୱତ ସାଧକ ସରୋଜ ସାମଲ, କବି ବିମଳା ସିଂ, କବି ଅନଙ୍ଗ କୁମାର ପାଢ଼ୀ, କବି ଭରତ ବେହେରା, କବି ଲବଙ୍ଗଲତା ରାଉତ, ନାଟ୍ୟକାର ମନୋଜ ପଣ୍ଡା, ଡାକ୍ତର ବିକ୍ରମ କେଶରୀ ମିଶ୍ର, ସାରସ୍ୱତ ସାଧକ ଅକ୍ଷୟ କୁମାର ଖଟୁଆ, ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟି, ସାମ୍ବାଦିକ ରାକେଶ କୁମାର ବାରିକ, ସାମ୍ବାଦିକ ରାମଚନ୍ଦ୍ର ଦାସ, ବାବା ସୁଧାକର ଦାସ ପ୍ରମୁଖ ଯୋଗଦେଇ ସନ୍ଥ ଅରକ୍ଷିତଙ୍କ ଲେଖନୀ ନିସୃତ ବାଣୀକୁ ଆଜିର ଉଦ୍‌ଭ୍ରାନ୍ତ ପଥଭ୍ରଷ୍ଟ ସମାଜ ଗ୍ରହଣ କରିପାରିଲେ ସଂସାରରୁ ସମସ୍ତ ପାପ ଲୋପହେବା ସହ ସମାଜରେ ହେବା ସହ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। କବି ହିମାଂଶୁ ଭୂଷଣ ଜେନା ଅତିଥି ପରିଚୟ ଓ ଆଡଭୋକେଟ ନୀଳମାଧବ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଡଭୋକେଟ ଦେବରାଜ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ କବି ମାନସ ଚମ୍ପତିରାୟ ମାନପତ୍ର ପାଠ କରିଥିଲେ। ସାମ୍ବାଦିକ ପ୍ରଦୀପ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବହୁ ସାରସ୍ୱତ ସାଧକଙ୍କ ୩୦ ଖଣ୍ଡ ଓଡିଆ ଓ ଇଂରାଜୀ ପୁସ୍ତକ ଲୋକାର୍ପିତ ହୋଇଥିଲା। ଏ ଅବସରରେ ସାଧୁସନ୍ଥ, ସମାଜସେବୀ, ଚିକିତ୍ସକ, ଶିକ୍ଷାବିତ୍, ନୃତ୍ୟଶିଳ୍ପୀ, ବାଦ୍ୟକାର, କଣ୍ଠଶିଳ୍ପୀ, ଚିତ୍ରକର, ମୂର୍ତ୍ତିକାର, କବି, କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦେଶୀମଦ ଜବତ, ୨ ଗିରଫ

**ସୁକିନ୍ଦା, ୯।୨ (ସମିସ):** ଅବକାରୀ ବିଭାଗ ପକ୍ଷରୁ ସୁକିନ୍ଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଚୋରା ଦେଶୀ ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୁକିନ୍ଦା ସଦର ମହକୁମା ଗଙ୍ଗାଧର ମହାଳିକଙ୍କ ପୁଅ ଜଗବନ୍ଧୁ ମହାଳିକ(୨୨) ଓ ବନ୍ଧଗାଁ ଅଞ୍ଚଳର ଆକାଶ ମୁଣ୍ଡାଙ୍କ ପତ୍ନୀ ଫୁଲ କୁମାରୀ ମୁଣ୍ଡା (୨୦)ଙ୍କ ଠାରୁ ଦେଶୀ ମଦ ଜବତ ହୋଇଥିବାବେଳେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମାଙ୍କଡ଼ କାମୁଡ଼ାରେ ଏକାଧିକ ଆହତ

**ପାଣିକୋଇଲି, ୯।୨(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ମାଙ୍କଡ଼ଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ମାଙ୍କଡ଼ଙ୍କ ଆକ୍ରମଣରେ ଏକାଧିକ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଘରେ ପଶି ଖାଦ୍ୟ ପଦାର୍ଥକୁ ଝାମ୍ପି ନେବା ସହ ଏକୁଟିଆ ଲୋକ ଦେଖିଲେ ଆକ୍ରମଣ କରୁଛନ୍ତି। ଫଳରେ ଗ୍ରାମରେ ଆତଙ୍କ ଖେଳିଯାଇଛି। ଛାତ୍ରଛାତ୍ରୀ ଭୟରେ ବିଦ୍ୟାଳୟ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଶ୍ରୀବିରଜା ସ୍ୱନକ୍ଷତ୍ର ସମାରୋହ



ଯାଜପୁର, ୯।୨ (ସମିସ): ମା' ବିରଜାଙ୍କ ଜନ୍ମଦିନ ତ୍ରିବେଣୀ ଅମାବସ୍ୟା ଉପଲକ୍ଷେ ବିରଜା କଲ୍ୟାଣ ମଣ୍ଡପରେ ଶ୍ରୀବିରଜା ସ୍ୱନକ୍ଷତ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ସଭାପତି ସାର୍ ନଟବର ଦାସଙ୍କ ରଚିତ ଐତିହାସିକ ଉପନ୍ୟାସ 'ଉତ୍ରଭୂମି' ଓ ଆଧ୍ୟାତ୍ମିକ ପତ୍ରିକା 'ଯଜ୍ଞପ୍ରଭା' ଲୋକାର୍ପିତ ହେବା ସହିତ ଅଧିକାରୀ ନବକିଶୋର ଦାସଙ୍କୁ ଗବେଷଣା ପରିଷଦ ପକ୍ଷରୁ 'ପୁରାଣ ସିରୋମଣି' ଉପାଧିରେ ଭୂଷିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବର ଅଧ୍ୟକ୍ଷ ହରିହର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କୁନି କୁନି ପିଲାମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଔପନାସିକ ଜଗନ୍ନାଥ ଧଳ, ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ କିର୍ତ୍ତନ ବିହାରୀ ସାମଲ, ଶିକ୍ଷାବିତ୍ ରବି ଶତପଥୀ, କବୟତ୍ରୀ ନିର୍ମଳାବାଳା ମିଶ୍ର, ଗଦାଧର ରାଉତ, ହରେକୃଷ୍ଣ ଜେନା, ଶିକ୍ଷକ ବିଜୟାନନ୍ଦ ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ପ୍ରତାପ କୁମାର ମହାନ୍ତି, ସିଦ୍ଧେଶ୍ୱର ସାହୁ, ଅନୀଲ କୁମାର ସେଠୀ, ଅଶୋକ କୁମାର ମଲ୍ଲିକ, ସାମ୍ବାଦିକ ଅକ୍ଷୟ କୁମାର ବିଶ୍ୱାଳ, ମନୋଜ କୁମାର ମହାନ୍ତି, ହରେକୃଷ୍ଣ ପାଣିଗ୍ରାହୀ, ଦାମୋଦର ନାୟକ, ପାଲାଗାୟକ ଜଗବନ୍ଧୁ ଓଝା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଷଦର ସମ୍ପାଦକ ଶିକ୍ଷକ ପ୍ରଶାନ୍ତ ରାଉତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କୁମାର ବାଞ୍ଛ ଶଙ୍ଖବାଦନ କରିଥିବାବେଳେ ବହୁସଂଖ୍ୟାରେ ବିରଜାପ୍ରେମୀ ଉପସ୍ଥିତ ଥିଲେ।

## ଥାର୍ଡ ରିଜର୍ଭ ବାଟାଲିୟନରେ ଦୀକ୍ଷାନ୍ତ ସମାରୋହ



ସୁକିନ୍ଦା, ୯।୨(ସମିସ): ସୁକିନ୍ଦାସ୍ଥ ଥାର୍ଡ ଇଣ୍ଡିଆନ ରିଜର୍ଭ ବାଟାଲିୟନ ପରିସରରେ ଦୀକ୍ଷାନ୍ତ ସମାରୋହ(ଶପଥ ପାଠ ଉତ୍ସବ) ଅନୁଷ୍ଠିତ ହୋଇଯାଇଛି। ପାସ୍ ଆଉଟ୍ ପରେଡରେ ଅତିରିକ୍ତ ପୁଲିସ ଡିଜି ଦୟାଲ ଗଙ୍ଗୱାର ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଦୁର୍ଗପତି ଲୋଚନ ପଶାୟତ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ସିଭିଲ କନେଷ୍ଟବଳଙ୍କ ପ୍ରଶିକ୍ଷଣ ପାଇଁ ଗତବର୍ଷ ମେ ୧୦ ତାରିଖରେ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶେଷ ହେବାପରେ ଶୁକ୍ରବାର ଦିନ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ପ୍ରଶିକ୍ଷକ ଭାବେ ରଞ୍ଜନ କୁମାର ବାରିକ, ରଞ୍ଜନ କୁମାର ଦାସ, ଜେକେ ମହାନ୍ତି, ଏକେ ସ୍ୱାଇଁ, ଉଦ୍ଧବ ଚନ୍ଦ୍ର ନାୟକ, ଏମ. ସେଠୀ, ଏକେ ନାୟକ, ଏକେ ସାମଲ, ଏନଆର ନାୟକ, ଡିଆର ପ୍ରଧାନ, ପିକେ ପ୍ରଧାନ, ଏସଜେ ସାହୁ, ଏସକେ ରାଉତ ଓ ପିବି ଥପ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୧୯୨ ଜଣ ଏହି ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷଣ ସମୟରେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୭ ଜଣ କନେଷ୍ଟବଳଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଶିବଶଙ୍କର ବାରିକ, ସୁଶାନ୍ତ କୁମାର ଜେନା, ସୁଜିତ କୁମାର ସାମଲ, ଉମେଶ କୁମାର ସେଠୀ ଅନ୍ୟତମ। ନବନିଯୁକ୍ତ ୧୯୨ ଜଣ ଶିବିରାର୍ଥୀଙ୍କୁ ମୁଖ୍ୟଅତିଥି ଶ୍ରୀ ଗଙ୍ଗୱାର ଜାତୀୟ ପତାକା ନିକଟରେ ଶପଥ ପାଠ କରାଇଛନ୍ତି। ଶେଷରେ ଡେପୁଟି କମାଣ୍ଡାନ୍ଟ ଦୀପକ ଗଣନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାନକୁଆଁଳ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ମଙ୍ଗଳପୁର, ୯।୨(ସମିସ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତସ୍ଥ ସାନକୁଆଁଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟବକ୍ତା ଭାବେ ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ନିରାକାର ନାୟକ, ସମ୍ମାନିତ ଅତିଥି ଭାବେ ବିରିପଟା ସରପଞ୍ଚ ଗାୟତ୍ରୀ ନାୟକ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ଜ୍ୟୋତିଶଙ୍କର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସାମଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ନାୟକ, ବିଦ୍ୟାଳୟର ଶିକ୍ଷକ ରାମଚନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ମାଳତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଖେଳରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ନୀଳାଚଳ ଇସ୍ପାତ ନିଗମ ସମ୍ମୁଖରେ ବିସ୍ଥାପିତ ପରିବାର ପକ୍ଷରୁ ଧାରଣା

**ସୁକିନ୍ଦା/ଦାନଗଦି, ୯।୨(ସମିସ):** କଳିଙ୍ଗନଗରସ୍ଥ ନୀଳାଚଳ ଇସ୍ପାତ ନିଗମ ପ୍ରକଳ୍ପ ପାଇଁ ବାସଚ୍ୟୁତ ହୋଇଥିବା ପରିବାର ପକ୍ଷରୁ ବିଭିନ୍ନ ଦାବି ନେଇ ଗଣଧାରଣା ଆରମ୍ଭ ହୋଇଛି। ନୀଳାଚଳ ଇସ୍ପାତ ନିଗମରେ କାର୍ଯ୍ୟରତ ବାସଚ୍ୟୁତ ପରିବାର ସଦସ୍ୟଙ୍କ ଅବସର ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ନିଯୁକ୍ତି ଦେବା ଦାବିରେ ବାସଚ୍ୟୁତ ପରିବାରର ଶତାଧିକ ପୁରୁଷ ଓ ମହିଳା ନୀଳାଚଳ ଇସ୍ପାତ ନିଗମ ମୁଖ୍ୟ ଫାଟକ ଆଗରେ ଗଣଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଖବର ପାଇ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ. ଟପ୍ପୋ, ପ୍ରିୟରଞ୍ଜନ ଜେନା ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ ସହ ବୈଠକ ପରେ ନିଷ୍ପତ୍ତି ନେବାକୁ ଜଣାଇଥିଲେ ମଧ୍ୟ ଧାରଣାକାରୀ ଏଥିରେ ରାଜି ହୋଇ ନ ଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ବାସଚ୍ୟୁତ ପରିବାର ପକ୍ଷରୁ ଚେତାବନୀ ଦିଆଯାଇଛି। ବିସ୍ଥାପିତ ପରିବାରର ଜାନକୀ କେଶରୀ ମହାନ୍ତ, ବୈକୁଣ୍ଠନାଥ ମହାନ୍ତ, ଲାଡୁରା ହେମ୍ବ୍ରମ, ସୁଶାନ୍ତ ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଲୋକ ଧାରଣାରେ ସାମିଲ ହୋଇଛନ୍ତି।



### 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର

# ପ୍ରବାଦ ପୁରୁଷଙ୍କ ସ୍ୱପ୍ନ ସାକାର କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

ବରୀ, ୯।୨ (ସମିସ)



ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ପକ୍ଷରୁ ଅଜାଣ ହାଟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ ପ୍ରଦୀପ ପ୍ରଜ୍ୱଳନ ସହିତ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ଲକ ବିଜେଡ଼ି ସଭାପତି କେଦାର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଦେବେନ୍ଦ୍ର ଦାସ ଯୋଗଦେଇ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ବିଭିନ୍ନ ପ୍ରକାର ଜନହିତକର ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ବେକାର ଯୁବକ ଯୁବତୀ ଓ ମହିଳାଙ୍କୁ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ଯୋଜନାରେ ସାମିଲ କରାଇ ରୋଜଗାରକ୍ଷମ ହେବା ସଙ୍ଗେ ସଙ୍ଗେ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାକୁ ଉପସ୍ଥିତ ଅତିଥି ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗାୟିକା ରୀନାବାଳା ପାଢ଼ୀଙ୍କ ଦ୍ୱାରା ଜନସଚେତନତାଧର୍ମୀ ପାଲା ପରିବେଷଣ କରାଯାଇଥିବାବେଳେ ମହେଶ୍ୱର ମଲ୍ଲ ହାଇସ୍କୁଲର ଛାତ୍ରୀ ଦେଶାତ୍ମବୋଧକ ନୃତ୍ୟ, ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ରମ୍ଭା ସରପଞ୍ଚ ମାନସ ଯେନା, ମନ୍ଦାରୀ ସମବାୟ ସମିତି ସଭାପତି ଅନିରୁଦ୍ଧ ମଲ୍ଲ, ଅଭିମନ୍ୟୁ ସାହୁ, ମନୋଜ ମଲ୍ଲ, ହରିହର ପଣ୍ଡା, ଅଜୟ ମଲ୍ଲ, ରତିରଞ୍ଜନ ଜେନା, ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ସ୍ମରଣିକା ଧଳ, ଗ୍ରାମ ରୋଜଗାର ସେବକ ମନୋଜ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉତ୍ସବଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



**୧୬ରୁ +୨ ପରୀକ୍ଷା**

# ଆଜିଠାରୁ ହବ୍‌ରେ ପହଞ୍ଚିବ ପ୍ରଶ୍ନପତ୍ର

ଭଦ୍ରକ/ବାରିପଦା, ୯ ।୨(ସମିସ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫେବୃଆରୀ ୧୬ତାରିଖରୁ ଆରମ୍ଭ ହେବ। ଏଥିପାଇଁ ହବ୍‌କେନ୍ଦ୍ରରେ ଶନିବାର ଅର୍ଥାତ୍ ୧୦ତାରିଖରୁ ପ୍ରଶ୍ନପତ୍ର ପହଞ୍ଚିବ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେଗୁଡ଼ିକ ରଖାଯିବା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ବାରିପଦା ସ୍ଥିତ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଶାଖା କାର୍ଯ୍ୟାଳୟ ଅନ୍ତର୍ଗତ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ୪ଟି ଜିଲ୍ଲାରେ ଚଳିତଥର ୭୧ହଜାର ୩୩୪ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଥିଲେ। ସେଥିମଧ୍ୟରୁ ଭଦ୍ରକ ଜିଲ୍ଲାରେ ୧୨ହଜାର ୧୯୯ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଏମାନେ ଗତ ଡିସେମ୍ବର ୨୭ତାରିଖରେ ଆଡ୍‌ମିଟ କାର୍ଡ ଡାଉନଲୋଡ୍ କରିଛନ୍ତି। ଚଳିତ ବର୍ଷ +୨ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ନିମନ୍ତେ ଜାନୁଆରୀ ୨ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ଶେଷ ହୋଇଛି। ଫେବୃଆରୀ ୧୬ରୁ ମାର୍ଚ୍ଚ ୨୦ପର୍ଯ୍ୟନ୍ତ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାକୁ ମୁକ୍ତ, ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପରିଷଦ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଶ୍ନପତ୍ର ଗୁଡିକ ନିମନ୍ତେ ୩୩ଗୋଟି ହବରେ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ୧୬ତାରିଖରୁ ପ୍ରଶ୍ନପତ୍ର ଖୋଲାଯାଇ ପ୍ରତିଦିନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯିବ। ବାରିପଦା ସ୍ଥିତ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡିଶା କାର୍ଯ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲାରେ ମୋଟ ୩୦୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥିରୁ ୭୧ହଜାର ୩୩୪ ପରୀକ୍ଷାର୍ଥୀ ୨୨୦ଟି କେନ୍ଦ୍ରରେ ପରୀକ୍ଷା ଦେବାର ସୁବନ୍ଦୋବସ୍ତ କରାଯାଇଛି ବୋଲି ଶିକ୍ଷା ପରିଷଦର ଉପସଚିବ ଜୟଦେବ ପରମାଣିକ ସୂଚନା ଦେଇଛନ୍ତି। ଭଦ୍ରକ ଜିଲ୍ଲାରେ ୩୫ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ୫ଟି ହବ୍ ହୋଇଛି। ଜିଲ୍ଲାରେ କଳାରେ ୮,୦୭୦ ଜଣ, ବାଣିଜ୍ୟରେ ୧୨୭୯ ଜଣ ଓ ବିଜ୍ଞାନରେ ୨୮୫୦ ପରୀକ୍ଷା ଦେବେ। ସେହିପରି ଧନ୍ଦାମୂଳକ ପରୀକ୍ଷାରେ ଭଦ୍ରକରୁ ୩୧୯ ଜଣ ପରୀକ୍ଷାର୍ଥୀ ଥିବା ନେଇ ଉପସଚିବ ଶ୍ରୀ ପରମାଣିକ ସୂଚନା ଦେଇଛନ୍ତି। ୪ଟି ଜିଲ୍ଲାରେ ୧୯ଟି ପରୀକ୍ଷା କେନ୍ଦ୍ର ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ପରୀକ୍ଷା କେନ୍ଦ୍ର ଗୁଡିକରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ବାରଣ କରାଯାଇଛି। ସୁପରିଟେଣ୍ଡେଣ୍ଟ କିମ୍ବା କୌଣସି କର୍ମଚାରୀ ମୋବାଇଲ ବ୍ୟବହାର ଉପରେ କଟକଣା କରାଯାଇଛି। କପି ରୋକିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି।

**ଭଦ୍ରକରେ ପରୀକ୍ଷା ଦେବେ ୧୨,୧୯୯ ଜଣ**

## କଳା ଜରି ପାଲ ଟାଙ୍ଗି ଲୁଟି ନେଲେ ୨୩ଲକ୍ଷ ଟଙ୍କାର ଅଳଙ୍କାର




**ଭଦ୍ରକ/ମଞ୍ଜୁରୀରୋଡ, ୯ ।୨(ସମିସ):** ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଞ୍ଜୁରୀରୋଡ ବଜାରରେ ଥିବା 'ଅଲେଖ ଜୁଏଲର୍ସ' ଅଳଙ୍କାର ଦୋକାନରେ ଗୁରବାର ବିଳମ୍ବିତ ରାତିରେ ସଟର ଓ ଲୁହା ଗ୍ରୀଲ କାଟି ଲୁଟେରାମାନେ ୨୩ଲକ୍ଷ ଟଙ୍କା ମୂଲ୍ୟର ସୁନା, ରୂପା ଅଳଙ୍କାର ସହ ନଗଦ ଟଙ୍କା ଲୁଟ୍ କରିଛନ୍ତି। ମଞ୍ଜୁରୀରୋଡ ଫାଣ୍ଡି ଠାରୁ ପ୍ରାୟ ୩ଶହ ମିଟର ଦୂରରେ ରେଳ ଷ୍ଟେସନ ରାସ୍ତାକଡରେ ଥିବା ଏହି ଅଳଙ୍କାର ଦୋକାନ ସମ୍ମୁଖ ବାରଣ୍ଡାରେ କଳା ଜରି ପାଲ ଟାଙ୍ଗି ଲୁଟେରା ମାନେ ଲୁହା ସଟର ଓ ଗ୍ରୀଲ କାଟି ସୁନା ଅଳଙ୍କାର ଓ ଆଇରନ୍ ଚେଷ୍ଟରେ ଥିବା ନଗଦ ୫୦ହଜାର ଟଙ୍କା ଲୁଟି ନେଇଥିବା ଦୋକାନ ମାଲିକ ମାନସ କୁମାର ସାହୁ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଘଟଣାର ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତା ନେଇଥିଲେ ବି କାହାରିକୁ ଠାବ କରାଯାଇ ପାରିନାହିଁ। ଏହି ଘଟଣାରେ ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପୁରୁଣାବଜାର ଅଞ୍ଚଳରେ ନକଲି ଜର୍ଦ୍ଦା ଠାବ; ଜଣେ ଗିରଫ



**ଭଦ୍ରକ, ୯ ।୨(ସମିସ):** ନକଲି ଜର୍ଦ୍ଦାର ହବ୍ କୁହାଯାଉଥିବା ଭଦ୍ରକ ପୁରୁଣା ବଜାର ଥାନା ଇଲାକାରୁ ପୁଣି ନକଲି ଜର୍ଦ୍ଦା ଠାବ କରିଛି ପୁଲିସ। ନକଲି ଜର୍ଦ୍ଦା ସହ ମେସିନ ଓ ନକଲି ଜର୍ଦ୍ଦା ସାମଗ୍ରୀ ଓ ବ୍ୟବହୃତ ଯନ୍ତ୍ରାଂଶକୁ ପୁଲିସ ଜବତ କରିବା ସହ ଘଟଣାରେ ଜଣଙ୍କୁ ଗିରଫ୍ କରିଛି। ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବର ପାଇ ପୁରୁଣାବଜାର ଥାନାର ଆଇଆଇସି ନିରୋଜ ସାମଲଙ୍କ ନେତୃତ୍ୱରେ ଗଠିତ ଏକ ଟିମ ଧନାଶୁଣି ଦାସସାହି ଅଞ୍ଚଳରେ ସନ୍ତୋଷ ଦାସଙ୍କ ନାମକ ବ୍ୟକ୍ତି ଘରେ ଚଢ଼ଉ କରି ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ କରିବା ସହ ନକଲି ଜର୍ଦ୍ଦା ତିଆରି କରୁଥିବା ସାମଗ୍ରୀ, ମେସିନ ସମେତ ବିଭିନ୍ନ ବ୍ରାଣ୍ଡର ନକଲି ଜର୍ଦ୍ଦା ଡବା,କେମିକାଲ କୁ ଜବତ କରିଛି । ଜବତ ହୋଇଥିବା ଏହି ନକଲି ଜର୍ଦ୍ଦାର ଆନୁମାନିକ ମୂଲ୍ୟ ୭ ରୁ ୮ ଲକ୍ଷ ଟଙ୍କା ହେବା ନେଇ ପୁଲିସ ସୂଚନା ଦେଇଛି। ଏହି ନକଲି ଜର୍ଦ୍ଦା କାରବାର କରୁଥିବା ଘଟଣାର ପୁରୁଣାବଜାର ପୁଲିସ ଏକ ମାମଲା ରୁଜୁ କରିବା ସହ ସନ୍ତୋଷ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ଆଉ ଜଣେ ଫେରାର ହୋଇଯାଇଥିବା କଥା ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପୁରୁଣା ବଜାର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଫେରାର୍ ଅଭିଯୁକ୍ତକୁ ଖୁବ୍‌ଶିଘ୍ର ଗିରଫ କରିଯିବା ନେଇ ସେ ସୂଚନା ଦେଇଛନ୍ତି।

● ଓଲଙ୍ଗ ପଞ୍ଚାୟତରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ

## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟ ବ୍ୟାଗ ପ୍ରଦାନ



**ଭଦ୍ରକ, ୯ ।୨(ସମିସ):** ଓଡ଼ିଶାର ୯୬ ଲକ୍ଷ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ ଗୋଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ୍ ଅଧୀନ ଓଲଙ୍ଗ ଗ୍ରାମ ପଞ୍ଚାୟତର ସୁଲଭ ମୂଲ୍ୟ ଖୁଚୁରା ବିକ୍ରେତା କେନ୍ଦ୍ରରେ ଅନୁଷ୍ଠିତ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ପ୍ରତି ହିତାଧିକାରୀ ପରିବାରଙ୍କୁ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ବିତରଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଉର୍ମିଳା ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ଓଲଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି, ପଞ୍ଚାୟତ ସମିତି ସଦସ୍ୟ ଗୌରୀ ରାଉତ ପ୍ରମୁଖଙ୍କ ସହ ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲାଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଏଥିରେ ଯୋଗଦେଇ ବ୍ୟାଗ ବିତରଣ କରିଥିଲେ। ଏସିଏସ୍‌ଓ ଶରତ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁଷଙ୍ଗିକ ସହଯୋଗ କରିଥିଲେ। ଏହି ବ୍ୟାଗ ବଣ୍ଟନ କାର୍ଯ୍ୟ ଭଦ୍ରକ ଜିଲ୍ଲାର ୪୬୯ ସରକାରୀ ସୁଲଭ ଖୁଚୁରା ବିକ୍ରେତା କେନ୍ଦ୍ରରେ କରାଯିବ। ଏଥିରେ ଜାତୀୟ ଖାଦ୍ୟ ସୁରକ୍ଷାରେ ୩,୧୮,୯୧୫ ଓ ରାଜ୍ୟ ଖାଦ୍ୟ ସୁରକ୍ଷାରେ ୭୦୯୯ ପରିବାର ତଥା ମୋଟ ରାସନ କାଡର୍‌ଧାରୀ ସଦସ୍ୟ ୧୧,୪୮,୩୭୬ ଉପକୃତ ହେବେ। ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବାକୁ ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଯୋଜନା ପ୍ରଣୟନ କରାଯାଇଛି।

## ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କ କର୍ମଶାଳା

**ଭଦ୍ରକ, ୯ ।୨(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଭଦ୍ରକ ଆନୁକୂଲ୍ୟରେ ମହାପୁରୁଷ ଆଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ, କାଞ୍ଜିଆପାଳ ଠାରେ ଜିଲ୍ଲାରେ ଥିବ ୯ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା- ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର। ଯୋଗୀରଷି ଲଛମନ ଦାସ ଶିଶୁ ଆଶ୍ରମ, ଶାନ୍ତି ଆଶ୍ରମ, ମହାପୁରୁଷ ଆଶ୍ରମ, ମାନବ ସେବା କନ୍ୟାଶ୍ରମ ଫେଲୋସିପ୍ ଓ ବାତ୍ସଲ୍ୟ, ଆସିଆନ ଓପନ୍ ସେଲଟର ହୋମ୍‌ର କର୍ମକର୍ତ୍ତା ଯଥା- ଅଧିକ୍ଷକ, ପ୍ରୋବେସନ୍ ଅଧିକାରୀ କାଉନ୍‌ସିଲର, ଗୃହମାତା, ହିସାବ ରକ୍ଷକ ଇତ୍ୟାଦି ଯୋଗଦାନ କରିଥିଲେ। ଉକ୍ତ କର୍ମଶାଳାରେ ବିଷୟ ବିଶାରଦ ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ସତ୍ୟସୁନ୍ଦର ପୁହାଣ ଯୋଗଦାନ କରି ଶିଶୁ କିଶୋର ନ୍ୟାୟ ନିୟମାନୁଯାୟୀ ପ୍ରତ୍ୟେକ କର୍ମକର୍ତ୍ତାମାନଙ୍କର ଦାୟିତ୍ୱ ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସମ୍ମାନୀୟ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଓ ସଭାପତି ନକୁଳ ଚରଣ ପାତ୍ର ଯୋଗଦାନ କରି କର୍ମକର୍ତ୍ତା ମାନଙ୍କର କର୍ତ୍ତବ୍ୟ ବୋଧ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ। ମହାପୁରୁଷ ଆଶ୍ରମର ଆକାଶ ଚନ୍ଦ୍ର ପୃଷ୍ଟି, ଦେବସ୍ମିତା ମହାନ୍ତି, ସତ୍ୟଦେବ ପାତ୍ର ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଦମୟନ୍ତୀ ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମ ସମ୍ପାଦନ ନିମିତ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ନକୁଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ଶିକ୍ଷାର୍ଥୀ ସମୃଦ୍ଧି ପ୍ରଶିକ୍ଷଣ

**ଭଣ୍ଡାରିପୋଖରୀ, ୯ ।୨(ସମିସ):** ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସମୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସାଧନ ପ୍ରଶିକ୍ଷକ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଶିକ୍ଷକ ସଞ୍ଜୟ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶିକ୍ଷିକ ଧର୍ମେନ୍ଦ୍ର ସ୍ୱାଇଁ ପ୍ରଶିକ୍ଷଣର ପ୍ରାକ ସୂଚନା ଓ ଦୁର୍ଗା ପ୍ରସାଦ ମାର୍ଥା ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପ୍ରଶିକ୍ଷଣ ଶିବିରରେ ବିଦ୍ୟାଳୟ ଶିକ୍ଷାର୍ଥୀ ଶିକ୍ଷଣ ମାନ ନିର୍ଦ୍ଧାରଣ ଓ ମୂଲ୍ୟାୟନ ସମ୍ପର୍କରେ ବିଶ୍ଳେଷଣ କରାଯାଇଥିଲା। ଏହି ତାଲିମ ଶିବିରରେ ୪୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେଶିକ୍ଷକ ଶରତ ଥାଟୋଇ ଧନ୍ୟବାଦ ପ୍ରଦାନ କରିଥିଲେ।

## ବାସୁଦେବାୟନ ମହୋତ୍ସବ ଉଦ୍‌ଘାଟିତ

**ବାସୁଦେବପୁର, ୯ ।୨(ଇମିସ):** ବାସୁଦେବପୁର ପୌରପାଳିକା ପକ୍ଷରୁ ବାସୁଦେବାୟନ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସହରର ଯାଦବ ପଡିଆ ଠାରେ ଅନୁଷ୍ଠିତ ମହୋତ୍ସବର ପ୍ରଥମ ବାର୍ଣ୍ଣାଢ୍ୟ ସନ୍ଧ୍ୟାରେ ପୌରାଧକ୍ଷା ନିବେଦିତା ବେହେରାଙ୍କ ପୌରୋହିତ୍ୟରେ ଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ବାସୁଦେବପୁର ମାଟିର ଗୁଣଗାନ କରିବା ସହିତ ପୌର ପ୍ରଶାସନର ଏହି ମହୋତ୍ସବ ପାଳନ ପ୍ରୟାସକୁ ପ୍ରଶଂଶା କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ଶିକ୍ଷାବିତ ଭାଗୀରଥି ପଲେଇ, ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ ଓ ବିଧାୟକ ପ୍ରତିନିଧି ଅସିତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ରାଜ୍ୟର ବହୁ ସଂଖ୍ୟାରେ କଳାକାର ଯୋଗ ଦେଇ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲେ। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ମହୋତ୍ସବରେ ସାମିଲ ହୋଇ ମହୋତ୍ସବର ସନ୍ଧ୍ୟାକୁ ଜମେଇ ରଖିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗୀତିକାର ହ୍ୟୁମାନ ସାଗରଙ୍କ ମନମୁଗ୍ଧ ସଙ୍ଗିତ ପରିବେଷଣରେ ମଜା ନେଇଥିଲେ ବାସୁଦେବପୁର ସହରବାସୀ। ଏହି ମହୋତ୍ସବର ସୁସଜ୍ଜିତ ଆଲୋକମାଳାରେ ଝଲସୁଛି ସାରା ସହର।




## ଦପାନାୟକାଣୀଙ୍କ ବାର୍ଷିକ ଉତ୍ସବ

**ମଞ୍ଜୁରୀରୋଡ୍, ୯ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ଠାରେ ପବିତ୍ର ତ୍ରିବେଣୀ ଅମାବାସ୍ୟା ଉପଲକ୍ଷେ ଗ୍ରାମ ଦେବତୀ ମା'ଦପାନାୟକାଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂକଳ୍ପ କର୍ତ୍ତା ଭାବେ ଗୋପାଳ ଚନ୍ଦ୍ର ବାରିକ ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ନୃସିଂହ ମିଶ୍ର ବୈଦିକ ରୀତିନୀତି ଅନୁଯାୟୀ ମାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୀଠରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁପୂଜା, ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଜନ କୀର୍ତ୍ତନ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମକୁ ଶମ୍ଭୁନାଥ ମାଝୀ, ରତନ ରାଉତ, ବ୍ୟୋମକେଶ ସେଠୀ, ସୁରେନ୍ଦ୍ର ବାରିକ, ପ୍ରଶାନ୍ତ ଜେନା, ଦେବାନନ୍ଦ ସେଠୀ, ବିକାଶ ବେହେରା, ନୀଳମଣି ଜେନା, ଶୁକଦେ ମାଝୀ, ପ୍ରଫୁଲ୍ଲ ମହାନ୍ତିଙ୍କ ସମେତ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ। ସେହିଭଳି ମାଳଦା ଛୋଟେଶ୍ୱର ପୀଠ ଠାରେ ମା' ବୁଢ଼ୀ ଜାଗୁଲାଇଙ୍କ ବାର୍ଷିକ ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।



## ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା

**ଆରଡି, ୯ ।୨(ସମିସ):** ଚାନ୍ଦବାଲି ବ୍ଲକ ପହଣାକ୍ଲଷ୍ଟର ଅଧୀନ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କୀଡା ଉତ୍ସବ ପ୍ରାରମ୍ଭରୁ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ନିକଟରୁ କ୍ରୀଡା ଜ୍ୟୋତିକୁ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରା ସହ ନଗରୀ ପରିକ୍ରମା କରି ଖେଳ ପଡିଆକୁ ଆଣିବା ପରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଓ ସହକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ଏହି କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ବାବାମଣି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସାହିତ୍ୟିକ ନିକୁଞ୍ଜକିଶୋର ଜେନା ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଆରଡି ଫାଣ୍ଡିଅଧିକାରୀ ରଞ୍ଜନକୁମାର ମହାନ୍ତି, ପହଣାକ୍ଲଷ୍ଟର ସିଆରସିସି ମଙ୍ଗୁଳିଚରଣ ସେଠୀ, ଶିକ୍ଷାକେନ୍ଦ୍ରର ଉପଦେଷ୍ଟା ତଥା ଅଧ୍ୟାପକ ବିଜୟ କୁମାର ଦାଶ, ଟ୍ରଷ୍ଟି ଆଶିଷ ପାଢ଼ୀ, ସଭାପତି ତ୍ରିଲୋଚନ ପଣ୍ଡା, ପ୍ରଧାନ ଅଚାର୍ଯ୍ୟ ରେଣୁବାଳା ସାମାଲ, ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୋଳଗୋବିନ୍ଦ ମଲିକ, ସମ୍ପାଦକ ବାବାଜି ଶଙ୍କର ପାଢ଼ୀ, ସଭ୍ୟ ପ୍ରଶାନ୍ତ ପାଢ଼ୀ, ସଂଜୟ ଦାଶ ପ୍ରମୁଖ ଯୋଗ ଦେଇ କ୍ରୀଡା ଛାତ୍ରଛାତ୍ରୀମାନଙ୍କର ପାଠପଢାରେ ଏକ ଅଂଶବିଶେଷ ବୋଲି ବକ୍ତବ୍ୟ ରଖିଥିଲେ। ପରେ ଆରଡି ଫାଣ୍ଡିଅଧିକାରୀ ଶ୍ରୀ ମହାନ୍ତି କ୍ରୀଡା ପତକା ଦେଖାଇବା ପରେ କ୍ରୀଡା ଶିକକ୍ଷ ଶୁଶାନ୍ତ ବିଶ୍ୱାଳଙ୍କ ପରିଚାଳନାରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଭିନ୍ନ ଭିନ୍ନ ଖେଳ ପର୍ଦଶନ କରାଯାଇଥିଲା। ଏହି ଖେଳକୁ ଶିକ୍ଷାକେନ୍ଦ୍ର ଶିକ୍ଷକ ଉମାକାନ୍ତ ମଲିକ, ଜଗବନ୍ଧୁ ବାରିକ, ସୁନିତା ବାରିକ, ମାଳତୀ ମହାକୁଡ, ରୋଜାଲିନ ପାଢ଼ୀ, ସୋପ୍ନାରାଣୀ ଖଟୁଆ, ସାଗରିକା ଖଟୁଆ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ଖେଳରେ ୧୭୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିଲେ।

## ଜୟକିଷାନ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ

**ଧୁଷୁରୀ, ୯ ।୨(ସମିସ):** ଧାମନଗର ବ୍ଲକ ବାଲିପାଟଣା ସ୍ଥିତ ଜୟକିଷାନ ନୋଡାଲ ହାଇସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧାମନଗର ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇପିତାମାତାମାନେ ପିଲାମାନଙ୍କୁ ଡାକ୍ତର, ଇଂଜିନିୟର ହେବାକୁ ପରାମର୍ଶ ନଦେଇ ଭଲ ମଣିଷ କିପରି ହୋଇପାରିବେ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ସମିତିସଭ୍ୟ ବିଦ୍ୟାଧର ରାଉତ, ଏମ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା, ଗୋପବନ୍ଧୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ମଦନମୋହନ ସାମନ୍ତରାୟ, ନଦୀଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଏସଏମ୍‌ସି ସଭାପତି ଆଲୋକ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠା ଦିନରୁ କାର୍ଯ୍ୟ କରିଥିବା ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଆମନ୍ତ୍ରଣ କରାଯାଇ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ନିରୋଦ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ବିଶ୍ୱଜିତ ମଲ୍ଲିକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ନାୟକ ଓ ବିକାଶ ନାୟକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସନ୍ତୋଷ ଦୁଆରୀ, ରାମସିଂ ଟୁଡୁ, ଗୌରତ ସେଠୀ, ବିଜୟ ଗୋଚ୍ଛାୟତ, ଶିକ୍ଷୟିତ୍ରୀ ପ୍ରେମଲତା ଦାସ, ଏସଏମସିର ସଭ୍ୟ, ସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସନ ହିତାଧିକାରୀଙ୍କୁ ବ୍ୟାଗ ପ୍ରଦାନ

**ମଞ୍ଜୁରୀରୋଡ୍, ୯ ।୨(ସମିସ):** ଆମ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ସବୁଜ ଓଡିଶା ଗଠନ ପାଇଁ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଝୋଟ ବ୍ୟାଗ ପ୍ରଦାନ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ବ୍ଲକ ଯୋଗାଣ ନିରୀକ୍ଷିକା ସନ୍ଦିପା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସୁମତି ସେଠୀ ଯୋଗଦେଇ ରାସନ ହିତାଧିକାରୀଙ୍କୁ ଝୋଟ ବ୍ୟାଗ ପ୍ରଦାନ କରିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏଥିରେ ବିଡ଼ିଓ ଦେବଦତ୍ତ ଦାସ ଯୋଗଦେଇଥିଲେ । ଆଜି ବ୍ଲକ କାର୍ଯ୍ୟାଳୟ ଠାରେ ପ୍ରାୟ ୪୦ଜଣ ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହାପରେ ପ୍ରତ୍ୟେକ ସରକାରୀ ସ୍ୱୀକୃତି ପ୍ରାପ୍ତ ଖୁଚୁରା ବିକ୍ରୟ କେନ୍ଦ୍ରରେ ହିତାଧିକାରୀଙ୍କୁ ବ୍ୟାଗ ପ୍ରଦାନ କରାଯିବ ବୋଲି ଜଣାପଡିଛି।

**ବାହାର ଜିଲ୍ଲାର ମିଲର୍ସଙ୍କୁ ଅଧିକ ଅନୁକମ୍ପା**

# ଧାନ କିଣିବାରୁ ବଞ୍ଚିତ ଭଦ୍ରକ ଜିଲ୍ଲାର ମିଲର୍ସ

ଭଦ୍ରକ, ୯ ।୨(ସମିସ)




ଭଦ୍ରକ ଜିଲ୍ଲାରେ ଚଳିତ ଖରିଫ୍ ଧାନ ସଂଗ୍ରହରେ ନିୟୋଜିତ ଜିଲ୍ଲାର ୨୦ଜଣ ରାଇସ୍ ମିଲର୍ସ ଧାନ ସଂଗ୍ରହ କାର୍ଯ୍ୟ ନେଇ ଏବେ ଅସହାୟତା ପ୍ରକାଶ କରିଛନ୍ତି। ଜିଲ୍ଲାରେ ଚଳିତ ଧାନ କିଣାରେ ମୋଟ ୪୫ଜଣ ମିଲର୍ସ ସାମିଲ ହୋଇଛନ୍ତି। ତେବେ ସଂଖ୍ୟାଧିକ ମିଲର୍ସ ହେଉଛନ୍ତି ବାହାର ଜିଲ୍ଲାର। ଅର୍ଥାତ ଅନ୍ୟ ଜିଲ୍ଲାର ୨୫ଜଣ ମିଲର୍ସ ଧାନକିଣାରେ ସାମିଲ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ୨୦ଜଣ ମିଲର୍ସ ସାମିଲ ହୋଇଛନ୍ତି। ଗତବର୍ଷ ଧାନକିଣାରେ ୧୮ଜଣ ବାହାର ମିଲର୍ସଙ୍କୁ ସାମିଲ କରାଯାଇଥିବା ବେଳେ ଏଥର ରେକର୍ଡ ସଂଖ୍ୟକ ୨୫ଜଣଙ୍କୁ ସାମିଲ କରାଯାଇଛି। ଏହି ବାହାର ମିଲର୍ସମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ଜଣେ, ପଡ଼ୋଶୀ ଯାଜପୁର ଜିଲ୍ଲାରୁ ୨ଜଣ ଥିବା ବେଳେ ଅନ୍ୟ ୨୨ଜଣ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ମିଲର୍ସ। ଗତ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ଜିଲ୍ଲାର ମିଲରମାନଙ୍କ ଧାନକିଣା ସନ୍ତୋଷଜନକ ନହେଲେ ନିଗମ ବାହର ଜିଲ୍ଲାର ମିଲରଙ୍କୁ ଏଥିରେ ସାମିଲ କରିବାକୁ ନିଷ୍ପତି ହୋଇଥିଲା। ସେହିଭଳି ଗତ ଥର ଧାନକିଣାରେ ଫେବୃଆରୀ ମାସରୁ ବାହାର ଜିଲ୍ଲା ମିଲରଙ୍କୁ ଧାନକିଣାରେ ସାମିଲ କରାଯାଇଥିବା ବେଳେ ଏଥର ଜିଲ୍ଲା ମିଲରଙ୍କ ଧାନ ସଂଗ୍ରହ ବେଳେ ସେମାନଙ୍କୁ ମଧ୍ୟ ସାମିଲ କରାଗଲା। ଫଳରେ ଅଧିକ ପରିମାଣର ବିଜି (ବ୍ୟାଙ୍କ ଗ୍ୟାରେଣ୍ଟି) ଦେଇ ଏବେ ଘୋର ଆର୍ଥିକ ସଂକଟରେ ଗତି କରୁଛନ୍ତି ଜିଲ୍ଲାର ମିଲରମାନେ। ଆଜି ଭଦ୍ରକ ତାରିଣୀ କଣ୍ଟିନେଣ୍ଟାଲ ସମ୍ମିଳନୀ କକ୍ଷରେ ଭଦ୍ରକ ଜିଲ୍ଲା ରାଇସ୍ ମିଲର୍ସ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି ଏସୋସିଏସନର କାର୍ଯ୍ୟକର୍ତ୍ତାମାନେ। ସେମାନେ ଆହୁରି କହିଛନ୍ତି ଯେ, ଅନ୍ୟ ଜିଲ୍ଲାମାନଙ୍କ ଭଳି ଭଦ୍ରକରେ ରବି, ଖରିଫ୍ ଓ ହାଇହିଲଡିଂ ଚାଷ ହେଉଥିବା ବେଳେ ଆମ ଜିଲ୍ଲାରେ କାଁ ଭାଁ ରବି ଚାଷ ହେଉଛି। ମୁଖ୍ୟତ ଖରିଫ୍ ହେଉଛି ପ୍ରଧାନ ଚାଷ। ଆଉ ଜିଲ୍ଲାର ୨୦ଜଣ ମିଲରମାନେ ଏଥର ୨୧ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ପ୍ରାୟ ୭୩ କୋଟି ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିଛନ୍ତି । ତେବେ ଏଯାଏଁ ମାତ୍ର ୧୧ଲକ୍ଷ କ୍ୱିଣ୍ଟାଲ ଭଳି ଧାନ କିଣିବାର ସୁଯୋଗ ମିଳିଛି ଜିଲ୍ଲା ମିଲରଙ୍କୁ। ସେହିଭଳି ସରକାରୀ ଧାନ ସଂଗ୍ରହ ପଲିସି ଅନୁଯାୟୀ, ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ସଂଗ୍ରହ ବାବଦ ପରିବହନ ଖର୍ଚ୍ଚ ଯୋଗାଣ ବିଭାଗ ବହନ କରେ। ଏହି କ୍ରମରେ ୫ଶହ କିମି ଦୂରରେ ସୁଦୂର ସମ୍ବଲପୁର, ବରଗଡ ଜିଲ୍ଲାର ମିଲରମାନେ ଅଧିକ ପରିମାଣର ପରିବହନ ଖର୍ଚ୍ଚ ପ୍ରାୟ ୩ଶହ ଟଙ୍କା ବହନ କରିବାକୁ ପଡିବ । ଅନ୍ୟ ଜିଲ୍ଲାର ମିଲର୍ସମାନେ ଯୋଗାଣ ନିଗମରୁ ଅଧିକ ପରିମାଣର ପରିବହନ ଖର୍ଚ୍ଚ ନେଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଧାନକିଣାରେ ଜିଲ୍ଲା ମିଲରଙ୍କୁ ଧାନକ୍ରୟର ଅଧିକ ସୁଯୋଗ ନଦେଲେ ଆଗକୁ ମିଲରମାନେ କ୍ଷତିଗ୍ରସ୍ତ ହୋଇ ସେମାନଙ୍କ ମିଲ୍ ବନ୍ଦ କରିବାକୁ ବାଧ୍ୟ ହେବେ। ଏହାଦ୍ୱାରା କେବଳ ମିଲରମାନେ ନୁହେଁ ମିଲର ଉପରେ ନିର୍ଭରଶୀଳ ବିଭିନ୍ନ ବର୍ଗର ମଣିଷ (ଚାଷୀ, ଗାଡିଚାଳକ, ଗାଡି ମାଲିକ, କର୍ମଚାରୀ ଓ ବ୍ୟବସାୟୀ ଆଦି) ମଧ୍ୟ ବେରୋଜଗାର ହେବେ । ତେଣୁ ଜିଲ୍ଲା ପ୍ରଶାସନ ଏଦିଗରେ ଗୁରୁତର ସହ ଦୃଷ୍ଟି ଦେବାକୁ ମିଲର୍ସ ସଂଘ ସଭାପତି ଶେଖର ମହାପାତ୍ର ଓ ସମ୍ପାଦକ ସଙ୍କେତ ନାୟକଙ୍କ ସମେତ ମିଲ୍ ମାଲିକ ସନ୍ତୋଷ ଅଗ୍ରୱାଲ, ସେଖକାଦର, କୈଳାସ ମହାପାତ୍ର, ବିଶ୍ୱନାଥ ଅଗ୍ରୱାଲ, ଗୋପାଳ ମହାପାତ୍ର, ପ୍ରଦୀପ ମହାପାତ୍ର, ବିଶ୍ୱସ୍ୱରୂପ ଧୁନି, ପ୍ରସନ୍ନ ଦାଶ, ମୁଜାହିଦ ଆଲାମ, ନଟବର ସାହୁ ପ୍ରମୁଖ ନିବେଦନ କରିଛନ୍ତି। ଏ ପ୍ରସଙ୍ଗରେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଧାନକିଣା ଆରମ୍ଭ ହେବାର ପ୍ରାୟ ୧୫ଦିନ ପରେ ଜିଲ୍ଲାର ମିଲରମାନେ ଧାନ କିଣିଲେ ଓ ଯାହା ସରକାରୀ ଟାର୍ଗେଟ ସେହି ଅନୁଯାୟୀ ଧାନ କିଣା ଠିକ୍ ଚାଲିଛି ବୋଲି ପ୍ରତିକ୍ରିୟାରେ କହିଛନ୍ତି।

**୨୧ଲକ୍ଷ କ୍ୱିଣ୍ଟାଲର ବ୍ୟାଙ୍କ ଗ୍ୟାରେଣ୍ଟି ଦେଇ ମାତ୍ର ୧୧ଲକ୍ଷ କ୍ୱିଣ୍ଟାଲ କ୍ରୟ କରିଛନ୍ତି**

# ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନତା ଶିବିର



**ଧାମନଗର, ୯ ।୨(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜନ କରାଯାଉଛି । ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ସରକାରଙ୍କ ପକ୍ଷରୁ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିରରେ କାର୍ଯ୍ୟର ସଫଳ ରୂପାୟନ ଓ ପ୍ରଚାର ପ୍ରସାର କରାଯାଉଛି । ଏହି ଅବସରରେ ଧାମନଗର ବ୍ଲକ ବଡ଼ପୋଖରୀ ଆଳି ପଡ଼ିଆଠାରେ ପ୍ରାକ୍ତନ ସରପଞ୍ଚ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଉଦଘାଟକ ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବରେଣ୍ୟ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଧର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସମିତି ସଭ୍ୟା ସଂଧ୍ୟାରାଣୀ ମଲ୍ଲିକ, ନୋଡାଲ ଅଫିସର ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ନାୟକ ଓ ବ୍ଲକ ଜେଇ ଓ ଜିଆର୍‌ଏସ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ବକ୍ତବ୍ୟରେ ଲୋକମାନଙ୍କୁ ଅବଗତ କରାଇଥିଲେ ।ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ, ସମ୍ପାଦିକା, ସଭ୍ୟା, ଏମ୍‌ବିକେ, ସିଆର୍‌ପି, ଅଙ୍ଗନବାଡି ଓ ଆଶାକର୍ମୀ, ବ୍ୟାଙ୍କମିତ୍ରଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ବ୍ଲକ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପଞ୍ଚାୟତ ସଭାପତି ପ୍ରଭାତରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୬ ରୋଗୀ ଆଖି ହରାଇବା ଘଟଣା

# ୩ ମାସ ପରେ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ







**ଭଦ୍ରକ, ୯ ।୨(ସମିସ)**

ଭଦ୍ରକ ଭୂମିକା ଚକ୍ଷୁ ହସ୍ପିଟାଲରେ ମୋତିଆବିନ୍ଦୁ ଅପରେସନ କରି ୬ଜଣ ରୋଗୀ ଚକ୍ଷୁ ହରାଇବା ଘଟଣାକୁ ଇତିମଧ୍ୟରେ ୩ମାସରୁ ଅଧିକ ବିତିଲାଣି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ୨ଜଣ ଅଧିକାରୀ ଜଣେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡାଣ୍ଟ ତଥା ଡିଏମ୍‌ଓ ଓ ଅନ୍ୟଜଣେ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଇନ୍‌ଚାର୍ଜ ଯୁଗ୍ମ ଭାବେ ତଦନ୍ତ କରିଥିଲେ । ତେବେ ଏହି ରିପୋର୍ଟ ଗତ ୧୫ଦିନ ତଳେ ଅର୍ଥାତ ଘଟଣାର ୩ମାସ ପରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର ସୂଚନା ଦେଇଛନ୍ତି । ତେବେ ଏଭଳି ଏକ ସମ୍ବେଦଶୀଳ ଘଟଣାରେ ଭୂମିକା କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି । ଫଳରେ ଚକ୍ଷୁହରା ପରିବାର ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି, ଭଦ୍ରକ ୧୬ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଡାହାଣୀଗଡ଼ିଆରେ ଥିବା ଭୂମିକା ଚକ୍ଷୁ ହସ୍ପିଟାଲକୁ ଅଣାଯାଇ ଗତ ବର୍ଷ ସେପ୍ଟେମ୍ବର ମାସ ୨୯ରୁ ୩୦ତାରିଖ ମଧ୍ୟରେ ଅପରେସନ କରାଯାଇଥିଲା । ତେବେ ଅପରେସନ ବହୁ ବୟସ୍କ ରୋଗୀଙ୍କ ମଧ୍ୟରୁ ୬ଜଣ ବୟସ୍କ ରୋଗୀଙ୍କ ଅପରେସନ ପରେ ଚକ୍ଷୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା । ଆଖିକୁ ଭଲ ଦେଖିବା ତ ଦୂରର କଥା ଏହି ୬ଜଣ ରୋଗୀ ସମ୍ପୂର୍ଣ୍ଣ ଦୃଷ୍ଟି ଶକ୍ତି ହରାଇଥିଲେ । ଏହି ଘଟଣାକୁ ନେଇ ହସ୍ପିଟାଲରେ ଉତେଜନା ଲାଗି ରହିଥିଲା । ତେବେ ହସ୍ପିଟାଲର ମ୍ୟାନେଜର କିମ୍ବା ଅପରେସନ କରିଥିବା ଡାକ୍ତର କିଛି ପ୍ରତିକ୍ରିୟା ନଦେଇ ଖସି ପଳାଇଥିଲେ । ପରେ ଅକ୍ଟୋବର ୯ ତାରିଖରେ ୬ଜଣ ଚକ୍ଷୁ ହରାଇଥିବା ବୟସ୍କ ରୋଗୀମାନେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ରଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ । ପରଦିନ ଭଦ୍ରକ ଟାଉନ ଥାନାକୁ ଚକ୍ଷୁ ହରାଇଥିବା ୩ଜଣ ବୟସ୍କ ରୋଗୀ ପୃଥକ୍ ପୃଥକ ଭାବେ ଭୂମିକା ଚକ୍ଷୁ ହସ୍ପିଟାଲ ବିରୋଧରେ ଏତଲା ଦେଇଥିଲେ । ଏତଲାକାରୀମାନେ ହେଲେ ବାଲେଶ୍ୱର ଜିଲ୍ଲା ଔପଦା ଥାନା ପାଇକପଡ଼ା ଗାଁର ରତ୍ନାକର ପାଢ଼ୀ(୮୦), ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳର ସେଖ ଇସା(୮୫)ଙ୍କ ଝିଅ ରିଆନା ବିବି ଓ ସାବରଙ୍ଗ ଥାନା ଅଧୀନ ସରଗଡ଼ିଆ ଚାପୁଣ୍ଡିଆ ଗାଁର ସୁଲୋଚନା ନାୟକଙ୍କ ପୁଅ ପ୍ରସନ୍ନ ନାୟକ । ଟାଉନ ଥାନା ଆଇଆଇସି ବିରେନ୍ଦ୍ର କୁମାର ସେନାପିତି ଏହି ଏତଲା ଗୁଡିକ ଗ୍ରହଣ କରି ଘଟଣାରେ ଭୂମିକା ଚକ୍ଷୁ ହସ୍ପିଟାଲ ବିରୋଧରେ ୩ଟି ପୃଥକ୍ ମାମଲା (ନଂ-୫୩୫, ୫୩୬, ୫୩୭/୨୦୨୩, ଦଫା-୫୦୬, ୩୩୬, ୩୩୭, ୩୩୮, ୩୪ଆଇପିସି)ରେ ମାମଲା ରୁଜୁ କରିଥିଲେ । ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପାତ୍ର ଏହି ଘଟଣାରେ ସଂପୃକ୍ତ ହସ୍ପିଟାଲକୁ କେବଳ ମାସକ ପାଇଁ ଅପରେସନ ବନ୍ଦ ରଖିବାକୁ ମୌଖିକ ନିର୍ଦ୍ଦେଶ ଦେବା ସହ ଆବଶ୍ୟକୀୟ କାଗଜପତ୍ର ମଗାଯାଇଛି ବୋଲି ସୂଚନା ଦେଇଥିଲେ । ତେବେ ଏହି ଘଟଣାରେ ତଦନ୍ତ ଲାଗି ଜିଲ୍ଲା ମେଡିକାଲ ଅଫିସର ତଥା ସୁପରିଟେଣ୍ଡାଣ୍ଟ ଡାକ୍ତର ସନ୍ତୋଷ ଜେନା ଓ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଅଧିକାରୀ ଡାକ୍ତର ସନ୍ତୋଷ ସିଂଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ହେଲେ ଦୀର୍ଘ ୩ମାସ କାଳ ତଦନ୍ତ ପରେ ବି ସଂପୃକ୍ତ ହସ୍ପିଟାଲ ବିରୋରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସ୍ୱାସ୍ଥ୍ୟ ବିଭାଗ ସଂପୃକ୍ତ ହସ୍ପିଟାଲକୁ ସୁରକ୍ଷା ଦେଉଥିବା ସ୍ପଷ୍ଟ ହୋଇଛି । ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ଦିଆଯାଇ ସ୍ୱାସ୍ଥ୍ୟ ବିଭାଗ ଚୁପ୍ ବସିଥିଲେ ବି ଭୂମିକା ହସ୍ପିଟାଲରେ ନିୟମିତ ଅସ୍ତ୍ରୋପଚାର ପୂର୍ବ ଢଙ୍ଗରେ ଚାଲିଛି । ଏକକାଳୀନ ୨୦ରୁ ଅଧିକ ରୋଗୀଙ୍କ ଚକ୍ଷୁ ଅପରେସନ ଅଜଣା ଡାକ୍ତରଙ୍କ ଦ୍ୱାରା କରାଯାଉଛି । ତେବେ କେଉଁ ଡାକ୍ତର ଆସୁଛନ୍ତି, କେଉଁମାନେ ଅପରେସନ କରୁଛନ୍ତି, କେତେ ଜଣ ଅଭିଜ୍ଞ, ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରୁଛନ୍ତି ଏସବୁର ତଦନ୍ତ ଆଜି ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ନକରି କେବଳ ଉପର ଠାଉରିଆ ଢଙ୍ଗରେ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଥିବା ଜଣାଯାଇଛି । ଜିଲ୍ଲାପାଳ ତଥା ଏନ୍‌ଫୋର୍ସମେଣ୍ଟ ମୁଖ୍ୟ ଏଦିଗରେ କଡ଼ା ପଦକ୍ଷେପ ଗ୍ରହଣ ନକଲେ ବହୁ ନୀରିହ ଲୋକ ପୂର୍ବଭଳି ମୂଲ୍ୟବାନ ଚକ୍ଷୁ ହରାଇବା ନିଶ୍ଚିତ ବୋଲି ବହୁ ବୁଦ୍ଧିଜୀବୀ ମତ ରଖିଛନ୍ତି । ଏଦିଗରେ ଜିଲ୍ଲାପାଳ ତତ୍ପରତା ପ୍ରକାଶ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

- ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍
- ଏବେବି ଅଜଣା ଡାକ୍ତର କରୁଛନ୍ତି ଚକ୍ଷୁ ଅସ୍ତ୍ରୋପଚାର

# ପୀରବାବା ହଜରତ ଜମାଲଉଦ୍ଦିନଙ୍କ ଉର୍ସ ଉତ୍ସବ

**ଧାମନଗର, ୯ ।୨(ସମିସ):** ଧାମନଗର ଏନଏସି ଅଧୀନ ୧୦ନମ୍ବର ୱାର୍ଡର ପ୍ରସିଦ୍ଧ ପୀଠ ହଜରତ ସୟଦ ଶାହା ଜମାଲଉଦ୍ଦିନ ପୀରବାବାଙ୍କର ୪୪ତମ ବାର୍ଷିକ ଉର୍ସ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଗୁରୁବାର ସକାଳ ୬ଟାରେ ପୀର ବାବାଙ୍କ ଆସ୍ଥାନକୁ ଗୋଲାପ ଜଳ ଓ ଚନ୍ଦନରେ (ସ୍ନାନ) ପରେ ୭ଟାରେ କୋରାନ ଖାନି ଓ (ଫାତେହା) ପରେ(ଲଙ୍ଗର) ଭୋଗ ବଣ୍ଟନ କରାଯାଇଥିଲା । ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ମାନେଙ୍କ ପାଇଁ ସାଢେ ୭ଟା ଠାରୁ ଚାଦର ଚଢା ଓ ସର୍ବ ସାଧାରଣରେ ଦର୍ଶନ ଆରମ୍ଭ ହୋଇଥିଲା । ଅନ୍ୟ ରାଜ୍ୟରୁ ଆସିଥିବା ସୁନାମଧନ୍ୟ ମୌଲାନା ଓ ସାୟର ମାନେ ଯୋଗଦେଇ ପୀରବାବାଙ୍କ ଦର୍ଶନ କରିଥିଲେ । ଏହି ଅବସରରେ ରାତି ୮ଟାରେ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟ ରାଜ୍ୟରୁ ଆସିଥିବା ସୁନାମଧନ୍ୟ ମୌଲାନା ଓ ସାୟର ମାନେ ଯୋଗଦେଇ ପୀରବାବାଙ୍କ ଦର୍ଶନ କରିବା ସହ ଆୟୋଜିତ ଜଲସାରେ ଉପସ୍ଥିତ ରହି ବାବାଙ୍କ ମହିମା ଓ ଜିବନୀ ଉପରେ ଭକ୍ତ ମାନଙ୍କୁ ଭାଷଣ ଦେଇଥିଲେ ହଜାର ହଜାର ଭକ୍ତଙ୍କ ସମାଗମରେ ସୟଦ ଶାହା ଜମାଲଉଦ୍ଦିନ ପୀରବାବାଙ୍କ ଉର୍ଷ ଉତ୍ସବ ପାଇଁ ପୁରା ଅଞ୍ଚଳ ଉତ୍ସବମୁଖର ହୋଇଥିଲା । ଏହି ଉର୍ସ ଉତ୍ସବରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ନଗର ପ୍ରତିନିଧି ଜଗଦୀଶ ପାତ୍ର,



ବିଜେଡି ନଗର ସଭାପତି ସୁଶାନ୍ତ ରାଉତ, କାଉନସିଲର ପ୍ରତିନିଧି କୃଷ୍ଣ ଚନ୍ଦ୍ର ଜେନା ଓ ଅନ୍ୟ ନେତୃମଣ୍ଡଳୀ ପ୍ରମୁଖ ପୀରବାବାଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ । ଉର୍ସ କମିଟି କର୍ମକର୍ତ୍ତା ଶାହା ନବିରୁଦ୍ଦିନ, ଶାହା ଅଜଗର, ଶାହା ଆଲାଉଦ୍ଦିନ, ଶାହା ହାଇଦର, ଶାହା ହମିଦ ରଜା ପ୍ରମୁଖ ପରିଚାଳନା କରିଥିଲେ । ଥାନା ଆଇଆଇସି ଫନିନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ମୁତୟନ ହେହାଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଶେଷରେ ଆଲହାଜ ଶାହା ବଦୁରୁଦ୍ଦିନ ଉର୍ସ କମିଟି ତରଫରୁ ଧନ୍ୟବାଦ ଜଣାଇଥିଲେ ।

# ଜଳ ନିଷ୍କାସନ କ୍ଷେତ୍ର ପରିଦର୍ଶନ କଲେ ରାଜପଥ ପିଡି



**ମଞ୍ଜୁରୀରୋଡ଼, ୯ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ୧୬ନମ୍ବର ଜାତୀୟ ରାଜପଥର ଛତାବର ଟୋଲ ଗେଟ ଠାରୁ ପୁରିପଡ଼ା ଯାଏଁ ଜଳ ନିଷ୍କାସନରେ ଘୋର ସମସ୍ୟା ଦେଖାଦେଇଛି । ରାଜପଥ ପାର୍ଶ୍ୱରେଏକ ଡ୍ରେନେଜ ନାଳ ଥିବା ବେଳେ ଏହି ବାଟଦେଇ ହଜାର ହଜାର ହେକ୍ଟର ଚାଷ ଜମିରୁ ଜଳ ନିଷ୍କାସନ ହୋଇଥାଏ ପରିତାପର ବିଷୟ ରାଜପଥ ସମ୍ପ୍ରସାରଣ ବେଳେ ରାସ୍ତା କାମ କରୁଥିବା ଡିବିଏଲ କମ୍ପାନୀ ଉକ୍ତ ସୁଦୀର୍ଘ ନାଳକୁ ପ୍ରାୟ ୭୦ଭାଗ ପୋତିଦେଇଛି । ଫଳରେ ପୁରିପଡ଼ା, ଡାହାଲା, ବେଲପୋଖରୀ, କୁଶଗଡ଼ିଆ, ଭାଗଡ଼ା, ନେଉଳିଆ, ନାରାୟଣପୁର, ସଂପୋଇ ପ୍ରମୁଖ ଗ୍ରାମର ଚାଷ ଜମିରୁ ଜଳ ନିଷ୍କାସିତ ହୋଇପାରୁନାହିଁ ଚଳିତ ବର୍ଷ ଜଳ ନିଷ୍କାସନ ନହେବା କାରଣରୁ ଶହ ଶହ ହେକ୍ଟର ଚାଷ ଜମି ନଷ୍ଟ ହୋଇଥିବା ଜଣାଯାଇଛି । ଅନେକ ଆପତ୍ତି ଅଭିଯୋଗ ପରେ ଆଜି ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଜିପି ବର୍ମା ଉକ୍ତ ଅଞ୍ଚଳକୁ ପରିଦର୍ଶନ କରିଛନ୍ତି । ପ୍ରକଳ୍ପ ନିର୍ଦ୍ଦେଶକ ସ୍ଥାନୀୟ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିବା ବେଳେ ଯଥାଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି । ଏନେଇ ଅଧିକାରୀ ଜଣକ ସମ୍ପୃକ୍ତ କମ୍ପାନୀକୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦେଶ ଦେଇଛନ୍ତି ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଜିଲ୍ଲା ପୂର୍ବତନ ବିଜେପି ସଭାପତି ଅକ୍ଷୟ ସାହୁ, ଦୂରସଂଚାର ନିଗମ ଉପଦେଷ୍ଟା କମିଟି ସଦସ୍ୟ ଜଗତ ସାହୁ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୌମ୍ୟରଞ୍ଜନ ଜେନା, ଅରବିନ୍ଦ ପ୍ରଧାନ, ନରେନ୍ଦ୍ର ନାୟକ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ । ସ୍ଥାନୀୟ ଚାଷୀ ରାମଚନ୍ଦ୍ର ବେହୁରିଆ, କୃଷ୍ଣ ପହି, ସୂର୍ଯ୍ୟମଣି ସାମଲ, ବିଦ୍ୟାଧର ସେଠୀ, ନୃସିଂହ ସାହୁ, ଶ୍ରୀକାନ୍ତ ନାୟକ ପ୍ରମୁଖ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ ।

## ହଜି ଯାଉଛି କମାରଶାଳ

# ଉଭେଇଯିବାକୁ ବସିଛି ଅତୀତର କୁଳବେଉସା



**ଆଗରପଡ଼ା, ୯।୨(ସମିସ):** ଆଧୁନିକ ଯୁଗରେ ଆଧୁନିକ ପରମ୍ପରାକୁ ଆପଣେଇବା ଇଚ୍ଛାରେ ଓ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବା ସହ ଜୀବନକୁ ଉନ୍ନତମାନର କରିବା ଆଶାରେ ବହୁ ସଂପ୍ରଦାୟ ନିଜ କୁଳ ବେଉସାକୁ ଭୁଲିବାକୁ ବସିଲେଣି । ମନୁଷ୍ୟ ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି ନିତ୍ୟାବଶ୍ୟକ ଗୃହ ଉପକରଣ ସାମଗ୍ରୀ ଅଛି ଯାହା ବିନା କାର୍ଯ୍ୟ ଅସମ୍ଭବ । ଯଥା- କୋଦାଳ, ଦା’, ଗଇଁତି, ଶାବଳ, ଟାଙ୍ଗିଆ, ନିହାଣ, ବଟାଳି, କରତ, ପନିକି, ଖିଲିକାତି, ବାରସି ଇତ୍ୟାଦି । ଏହିସବୁ ସାମଗ୍ରୀ ବିନା ଚାଷ କାର୍ଯ୍ୟ, ଘରବାଡ଼ି କାର୍ଯ୍ୟ ଏହିପରି ଅନେକ କାର୍ଯ୍ୟ ଅସମ୍ଭବ ହୋଇପଡ଼ିଥାଏ । ଏହିପରି ସ୍ଥଳେ ଏହିସବୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ସଂପାଦନା କରୁଥିବା ସଂପ୍ରଦାୟ ‘କମାର’ ଆଜି ଅବହେଳିତ । ସେମାନଙ୍କର କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେବା ଓ ଚାହିଦାର ଆଦର ବଢ଼ାଇବା ପାଇଁ କୌଣସି ସରକାରୀ କିମ୍ବା ବେସରକାରୀ ଅନୁଷ୍ଠାନର ଆଗ୍ରହ ନଥିବାରୁ ସେମାନେ ସେମାନଙ୍କର କୁଳବେଉସାରୁ ନିଜକୁ ନିବୃତ୍ତ କରି ଅନ୍ୟ ପନ୍ଥା ଅବଲମ୍ବନ କରିବା ପାଇଁ ବାଧ ହେଉଛନ୍ତି । ଆଗରପଡ଼ା ଓ ତାର ଆଖପାଖ ଅଞ୍ଚଳ ଯଥା- ପୁରୁଷଣ୍ଡ, ରାଉତରାପୁର, ନରାଜପୁର, ଶେଉଳଗଡ଼ିଆ, ବଡ଼ବର୍ଚ୍ଛିକୟାଁ, କଳାପଦା (କାଦବରାଙ୍ଗ), ବେଲଗଡ଼ିଆ (ଅଡ଼ାଳପଙ୍କ), କନ୍ତିଆ(ବର୍ତ୍ତନା) ଏପରି ଗ୍ରାମରେ ବହୁ ବର୍ଷରୁ କମାର ସଂପ୍ରଦାୟ ବସ ବାସ କରିଆସୁଛନ୍ତି । ଆକଳନକୁ ନେଲେ ପାଖାପାଖି ୨୦୦ପରିବାର ଏହି ସଂପ୍ରଦାୟ । ସେମାନେ ସେମାନଙ୍କର କୌଳିକ ବୃତ୍ତିକୁ ପାଥେୟ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ । ସମୟାନୁକ୍ରମେ ରୋଜଗାର ତୁଳନାରେ ଖର୍ଚ୍ଚକୁ ଦେଖି ସେମାନେ ଏହି ବେଉସାରୁ ଅପସରି ଯାଇ ଅନ୍ୟ ପନ୍ଥା ଅବଲମ୍ବନ କରୁଛନ୍ତି । କିନ୍ତୁ ବେଲଗଡ଼ିଆ (ଅଡ଼ାଳପଙ୍କ) ଗ୍ରାମର ଧରଣୀଧର ଓଝା(୭୦), ବିଷ୍ଣୁମୋହନ ଓଝା(୫୫) ଓ ନାରାୟଣ ଓଝା(୫୦)ଙ୍କ କହିବା ଅନୁସାରେ ସେମାନେ ରୋଜଗାର କ’ଣ ଜାଣିବା ଦିନରୁ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । କେବଳ ଘରଡ଼ିହକୁ ଛାଡ଼ିଦେଲେ ସେମାନଙ୍କର ଆଉ ଜମିବାଡ଼ି ନାହିଁ । ଏହି ରୋଜଗାରରେ ପରିବାର ସଦସ୍ୟଙ୍କୁ ବହୁ ଦୁଃଖକଷ୍ଟରେ ପ୍ରତିପୋଷଣ କରୁଛନ୍ତି । ପ୍ରତିଦିନ ସକାଳ ସଞ୍ଜ ଯାଏଁ ହାଡ଼ଫଟା ପରିଶ୍ରମ କରି ପାରିଶ୍ରମିକ ବାବଦକୁ ୧୦୦ଟଙ୍କା ରୋଜଗାର କରିବା ସମ୍ଭବପର ହେଉନାହିଁ । ସେହିପରି କନ୍ତିଆ ଗ୍ରାମର ଅଭିମନ୍ୟୁ ଓଝା (୫୦)ଙ୍କ କହିବା ଅନୁସାରେ ସେ ୪୦ ବର୍ଷ ହେବ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । ମାସ ସାରା ଖଟି ଏଥିରୁ ରୋଜଗାର କରୁଥିବା ଅର୍ଥରେ ନିଜର ପରିବାରକୁ ପ୍ରତିପୋଷଣ କରୁଛନ୍ତି ସତ; କିନ୍ତୁ ଆଧୁନିକ ଯୁଗରେ ଆଧୁନିକ ପରମ୍ପରାକୁ ନେଇ ଚଳିବାରେ କଷ୍ଟ ଅନୁଭବ କରନ୍ତି ବୋଲି କହନ୍ତି । ବଡ଼ବର୍ଚ୍ଛିକୟାଁ ଗ୍ରାମରେ ବହୁ ବର୍ଷରୁ କମାର ସଂପ୍ରଦାୟ ବସବାସ କରିଆସୁଛନ୍ତି । ଆକଳନକୁ ନେଲେ ପାଖାପାଖି ୪ ପରିବାର ଏହି ସଂପ୍ରଦାୟର । ସେମାନେ ସେମାନଙ୍କର କୌଳିକ ବୃତ୍ତିକୁ ପାଥେୟ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ । ସମୟାନୁକ୍ରମେ ରୋଜଗାର ତୁଳନାରେ ଖର୍ଚ୍ଚକୁ ଦେଖି ସେମାନେ ଏହି ବେଉସାରୁ ଅପସରି ଯାଇ ଅନ୍ୟ ପନ୍ଥା ଅବଲମ୍ବନ କରିଛନ୍ତି । କିନ୍ତୁ ସେହି ଗ୍ରାମର ଶିବ ବିନ୍ଧାଣୀ(୬୦)ଙ୍କର କହିବା ଅନୁସାରେ ସେ ୫୦ ବର୍ଷ ହେବ ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରି ତାଙ୍କର ପରିବାର ପ୍ରତିପୋଷଣ କରିଆସୁଛନ୍ତି । ବିଭିନ୍ନ ଗୃହ ଉପକରଣ ସାମଗ୍ରୀକୁ ଚାଷୀମାନଙ୍କୁ ବିକ୍ରି କରିବା ସହ ହାଟ ବାରିରେ ବନ୍ତ ଓ ଆଗରପଡ଼ା ସୁଭଦ୍ରା ମହତାବ ହାଟରେ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । କିନ୍ତୁ କଟକଣା ଯୋଗୁଁ ଅଙ୍ଗାର, କୋଇଲାର ଅଭାବ ହେତୁ ଚଢ଼ା ଦରରେ ଏହାକୁ ବଜାରରୁ କ୍ରୟ କରୁଥିବାରୁ ତାଙ୍କ ଆୟ ତୁଳନାରେ ବ୍ୟୟ ଅଧିକ ହେଉଛି । ଆଧୁନିକ ବଜାରରେ ତାଙ୍କ ସାମଗ୍ରୀର ପାରିଶ୍ରମିକ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ଏହିସବୁ ଉପକରଣ ମିଳୁଥିବାରୁ ବେପାରିମାନେ ସେମାନଙ୍କ ଠାରୁ ମୁହଁ ବୁଲାଇ ନେଉଛନ୍ତି । ଏହି ସବୁ ପରିସ୍ଥିତି ସ୍ଥଳେ ସରକାରଙ୍କ କଟକଣାର ଅଭାବ ଯୋଗୁଁ ସୁଦୂର ରାଜସ୍ଥାନରୁ ରାଜସ୍ଥାନି କମାର ପରିବାର ଆମ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଶିଆସିଛନ୍ତି । ବନ୍ତ ଅଞ୍ଚଳର କିଛି ସ୍ଥାନରେ ସେମାନଙ୍କର ବେପାର ପଶରା ମେଲାଇ ବସିବା ସହ ପୁରୁଣା ଯାନବାହାନରୁ ବାହାରିଥିବା ଲୁହାପାତିକୁ କମ ମୂଲ୍ୟରେ କ୍ରୟକରି ଗୃହ ଉପକରଣ ସାମଗ୍ରୀମାନ ତିଆରି କରି ତାକୁ କମ ମୂଲ୍ୟରେ ବିକ୍ରି କରୁଥିବାରୁ ଏହା ସ୍ଥାନୀୟ କମାରଙ୍କ ମନରେ ନୈରାଶପୂର୍ଣ୍ଣ ବାତାବରଣ ସୃଷ୍ଟି କରୁଛି ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଭଦ୍ରକ ସାଂସଦ

# ନାବିକ ପ୍ରଶିକ୍ଷଣ କେନ୍ଦ୍ରରେ ଡିଜି ସିପିଂ ଅନୁମୋଦନ ଦାବି

**ଭଦ୍ରକ, ୯ ।୨(ସମିସ)**



- ଲାଇଟ୍ ହାଉସ୍ ପ୍ରତିଷ୍ଠା, କୋଷ୍ଟକେନାଲ ପୁନରୁଦ୍ଧାର ଦାବି

ଭଦ୍ରକ ସଂସଦୀୟ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବାବଦରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ । ସାଗର ସମୃଦ୍ଧି ଯୋଜନାରେ ଉପକୂଳ (କୋଷ୍ଟକେନାଲ) ଅଞ୍ଚଳର ଭିତ୍ତିଭୂମି ପ୍ରତିଷ୍ଠା, ଧାମରା (ଦୋସିଙ୍ଗା) ଓ ଚୂଡ଼ାମଣି ଠାରେ ଲାଇଟ୍ ହାଉସ୍ ପ୍ରତିଷ୍ଠା ସହ ଚାନ୍ଦବାଲି ଠାରେ ଥିବା ନାବିକ ପ୍ରଶିକ୍ଷକ କେନ୍ଦ୍ରରେ ଡିଜି ସିପିଙ୍ଗ ଅନୁମୋଦନ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୱାଲଙ୍କୁ ନୂଆଦିଲ୍ଲୀ ସ୍ଥିତ ସଂସଦୀୟ କାର୍ଯ୍ୟାଳୟଠାରେ ସାଂସଦ ଭେଟି ଦାବି କରିବା ସହ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ସାଂସଦ ଦର୍ଶାଇଛନ୍ତି ଯେ, ବାଲେଶ୍ୱର ଜିଲ୍ଲା ଭୋଗରାଇର ମଣ୍ଡୁଳାଇ ଠାରୁ ଭଦ୍ରକ ଜିଲ୍ଲା ଚାରିବାଟିଆ-ବାସୁଦେବପୁର-ଚାନ୍ଦବାଲି ମଧ୍ୟରେ ୧୨୬କିଲୋମିଟର ପରିବ୍ୟାପ୍ତ କୋଷ୍ଟକେନାଲର ଅର୍ଦ୍ଧାଧିକ ଅଞ୍ଚଳ ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଛି । ବ୍ରିଟିଶ ଶାସନ କାଳରେ ଏହି କୋଷ୍ଟାଲ କେନାଲ ଜଳପଥରେ ଗମନା ଗମନରେ ମୁଖ୍ୟ ମାଧ୍ୟମ ଥିଲା । ଚାଷ କାର୍ଯ୍ୟରେ ମଧ ଏହି ଜଳ ବ୍ୟବହୃତ ହେଉଥିଲା । ଧୀରେ ଧୀରେ ତାହା ପୋତି ହୋଇ ଅସ୍ତିତ୍ୱ ହରାଇଛି । ଗତ ୨୦୨୧ ଡିସେମ୍ବର ୮ ତାରିଖ ସଂସଦର ଶୂନ୍ୟକାଳରେ ଭଦ୍ରକ ସାଂସଦ ଏ ସମ୍ପର୍କରେ ପ୍ରଶ୍ନ ଉଠାଇ ପୁନରୁଦ୍ଧାର ନିମନ୍ତେ ଦାବି ରଖିଥିଲେ । ଏହାର ପୁନରୁଦ୍ଧାର ହେଲେ ବନ୍ୟା ନିୟନ୍ତ୍ରଣ ଓ କୃଷିକାର୍ଯ୍ୟରେ ଜଳର ଆବଶ୍ୟକତା ପୂରଣ ସହ ଓଡ଼ିଶାରେ ଅର୍ଥନୈତିକ ବିକାଶ ହେବା ସାଙ୍ଗକୁ ବାଣିଜ୍ୟ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଓ ଭଦ୍ରକ ଉପକୂଳ ଅଞ୍ଚଳରେ ଶିକ୍ଷିତ ବେକାର ଯୁବକ, ଯୁବତୀଙ୍କ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ଏଥିସହ ଧାମରା ବନ୍ଦରକୁ ଖୁବ୍ କମ୍ ଖର୍ଚ୍ଚରେ ଯୋଗାଯୋଗ ସହ ଜଳପଥରେ ପରିବହନ କରାଯାଇ ପରିବେଶ ପ୍ରଦୂଷଣକୁ ବହୁ ମାତ୍ରାରେ ରୋକାଯାଇ ପାରିବ । ଲାଇଟ୍ ହାଉସ୍ ପ୍ରତିଷ୍ଠା ଦ୍ୱାରା ମତ୍ସ୍ୟଜୀବୀ ନିରାପଦରେ ସମୁଦ୍ର ମଧ୍ୟରେ ମାଛଧରି ଘରକୁ ଫେରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀଙ୍କ ସହ ଭଦ୍ରକ ସାଂସଦ ଆଲୋଚନା କରିଥିଲେ । ଉକ୍ତ ଲାଇଟ୍ ହାଉସ ପ୍ରତିଷ୍ଠା ପାଇଁ କେନ୍ଦ୍ର ଜାହାଜ ଚଳାଚଳ ବିଭାଗର ଅନୁମୋଦନ ହୋଇ ସାରିଥିବା ବେଳେ କେବଳ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗର ମଞ୍ଜୁରୀ ଅପେକ୍ଷାରେ ରହିଥିବାରୁ ଏଦିଗରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୱାଲ ପରିବେଶ ବିଭାଗ ମଞ୍ଜୁରୀ ଆଣି ଖୁବ୍‌ଶିଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । କେନ୍ଦ୍ରମନ୍ତ୍ରୀଙ୍କୁ ସାଂସଦଙ୍କ ସାକ୍ଷାତ ସମୟରେ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା, ଚୂଡାମଣି ସରପଞ୍ଚ ଅଗଣିପ୍ରସାଦ ଜେନା, ଦୋସିଙ୍ଗା ସରପଞ୍ଚ ଇଂ.ରାମକୃଷ୍ଣ ଜେନା ଉପସ୍ଥିତ ଥିଲେ ।

# ମା’ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ



**ଅସୁରାଳି, ୯ ।୨(ସମିସ):** ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ମା’ ତାରିଣୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ପଣ୍ଡିତ ଗଣେଶ ପଣ୍ଡା, ଗଣେଶ ମିଶ୍ର, ଲକ୍ଷ୍ମୀଧର ପଣ୍ଡା, ହୃଷୀକେଶ ପାଣିଙ୍କ ତତ୍ତ୍ୱାବଧାନରେ ପ୍ରାତଃ କାଳ ରୁ ସମସ୍ତ ବୈଦିକ ରୀତିନୀତି ଅନୁସାରେ ସୂର୍ଯ୍ୟ ପୂଜା, ଗୋ ପୂଜନ, ଅଙ୍କୁରୋପଣ, ବେଦ ପାଠ କରାଯାଇଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ଶହ ଶହ ମହିଳା ରେବ ର ପୁଣ୍ୟ ପୟ ରେ ନିଜର ଘଟକୁ ପୂର୍ଣ୍ଣକରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶେଷରେ ମା’ଙ୍କ ନିକଟରେ ସେଇ ଜଳ ଲାଗି ହୋଇଥିଲା ଓ ଘଟ ସ୍ଥାପନ କରା ଯାଇଥିଲା । ଉକ୍ତ ଯଜ୍ଞରେ କର୍ତ୍ତା ଭାବେ ରସାନନ୍ଦ ନାୟକ, ରେବତୀ ନାୟକ, ସୁଧାଂଶୁ ନାୟକ ଓ ପୂର୍ଣ୍ଣିମା ନାୟକ କାର୍ଯ୍ୟ ସମ୍ପାଦିତ କରିଥିଲେ । ପ୍ରବଚକ ପଣ୍ଡିତ ସୁବାଷ ଚନ୍ଦ୍ର ନାୟକଙ୍କ ଦ୍ୱାରା ଗୀତାମୃତ ଆଲୋଚନା କରାଯାଇଥିଲା । ଅଜୟ ନାୟକ, ଶ୍ରୀକାନ୍ତ ନାୟକ, ଚିତ୍ତ ରଞ୍ଜନ ନାୟକ, ବିଷ୍ଣୁ ମୋହନ ବେହେରା, ଶଙ୍କର୍ଷଣ ରାଓଲ ତଥା ଗ୍ରାମର ସମସ୍ତ ମୂରବୀ ସହଯୋଗ କରିଥିଲେ ।

## ଇଂ.ଦିଲ୍ଲୀପ-ଆଲୋକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଇଲେଭେନ ଷ୍ଟାର୍ ଫାଇନାଲରେ

**ଭଣ୍ଡାରିପୋଖରୀ, ୯ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଜଗନ୍ନାଥ ପ୍ରସାଦ ସ୍ଥିତ ମା’ ଖଡ୍ଗଧାରିଣୀ କ୍ରିକେଟ ପଡ଼ିଆରେ ଇଂ.ଦିଲ୍ଲୀପ-ଆଲୋକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପଦ୍ମନାଭ କପର ୨ୟ ସେମି ଫାଇନାଲ ଯାଜପୁରରୋଡ଼ର ଇଲେଭେନ ଷ୍ଟାର ଓ କଟକର ନିମପୁର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଇଲେଭେନ ଷ୍ଟାର ଟସ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିବା ବେଳେ ନିର୍ଦ୍ଧାରିତ ୨୫ଓଭରରେ ୮ଟି ୱିକେଟ ହରାଇ ୨୪୫ରନ ସଂଗ୍ରହ କରିଥିଲା । ଏହାର ଜବାବରେ ପ୍ରତିପକ୍ଷ ନିମପୁର ସ୍ପୋର୍ଟିଂ ୨୧ଓଭର ଓ ୪ଟି ବଲରେ ସମସ୍ତ ୱିକେଟ ହରାଇ ୧୫୦ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଏହି ମ୍ୟାଚରେ ଇଲେଭେନ ଷ୍ଟାର, ଯାଜପୁରରୋଡ଼ର ସତ୍ୟଜିତ ସାବତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅଜୟ ମହାପାତ୍ର ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଏବଂ ରଞ୍ଜନ ମହାନ୍ତି, ସ୍କୋରର ଭାବେ ପ୍ରକାଶ ମହାପାତ୍ର ଓ ଜ୍ଞାନପ୍ରକାଶ ମହାପାତ୍ର, ଭାଷ୍ୟକାର ଭାବେ ଜ୍ଞାନପ୍ରକାଶ ଘଡେଇ ମ୍ୟାଚ ପରିଚାଳନା କରିଥିଲେ ।

## ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ

# ସାବିତ୍ରୀ ବେଶରେ ଦର୍ଶନ ଦେଲେ ମା'

**ଯାଜପୁର ୯।୨(ସମିସ):**

ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ। ଏ ଅବସରରେ ଦିନ ତମାମ ମନ୍ଦିର



ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବଡ଼ି ଭୋରୁ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବାକୁ ମନ୍ଦିର ପରିସରରେ ଧାଡ଼ି ବାନ୍ଧିଥିଲେ। ଭୋର୍ ୫ଟା ସମୟରେ ମା'ଙ୍କ ନିତ୍ୟ ସ୍ନାନ କରାଯାଇ ବେଶ କରାଯିବା ପରେ ପିଠା ଭୋଗ ଅର୍ପଣ କରାଯାଇଥିଲା। ସକାଳ ୮ଟା ସମୟରେ ତୀର୍ଥ ଜଳରେ ମା'ଙ୍କ ମହାସ୍ନାନ କାର୍ଯ୍ୟ କରାଯାଇ ସାବିତ୍ରୀ ବେଶରେ ସାଜସଜ୍ଜା କରାଯାଇଥିଲା। ମନ୍ଦିରର ରୀତିନୀତି ଅନୁଯାୟୀ ସିଂହାସନରେ ପୂଜା, ଷୋଡ଼ଶ ଉପଚାର ପୂଜା, ଗାୟତ୍ରୀ ମନ୍ତ୍ରରେ ପୂଜାର୍ଚ୍ଚନା, ଯଜ୍ଞାନୁଷ୍ଠାନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

ସେହିପରି ସନ୍ଧ୍ୟା ସମୟରେ ଆଳତୀ କାର୍ଯ୍ୟ କରାଯାଇଥିଲା। ତେବେ ମା'ଙ୍କ ସାବିତ୍ରୀ ବେଶ ଦେଖିବା ପାଇଁ ଯାଜପୁର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର ଭକ୍ତଙ୍କ ମନ୍ଦିର ପରିସରରେ ସମାଗମ ଲାଗିରହିଥିଲା। ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତମାନେ ଧାଡି ବାନ୍ଧି ମା'ଙ୍କୁ ଦର୍ଶନ କରିଥିଲେ। ମା' ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ଓ





ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିରଜା ବାହିନୀ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ହେବା କ୍ଷଣି ମା'ଙ୍କ ମନ୍ଦିରକୁ ନବବଧୂ ରୂପେ ସଜାଯାଇଥିଲା। ସେହିପରି ପୂର୍ଣ୍ୟତୋୟା ପରିବାର ପକ୍ଷରୁ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଯାଜପୁର ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ସମ୍ମାନିତ ଅତିଥି, ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ମା' ବିରଜାଙ୍କ ଆଶୀର୍ବାଦ ସମଗ୍ର ଜିଲ୍ଲାବାସୀଙ୍କ ଉପରେ ରହିଛି ବୋଲି କହିଥିଲେ। ଏ ଅବସରରେ ମା' ବିରଜା ସେବାୟତଙ୍କ ପକ୍ଷରୁ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ କଣ୍ଠଶିଳ୍ପୀ ପ୍ରଭୁପାଦ, ମାନସୀ ପାତ୍ର ଓ କରୁଣାକରଙ୍କ ଦ୍ୱାରା ମା' ବିରଜାଙ୍କ ଭଜନ ପରିବେଷଣ କରାଯାଇଥିଲା। ଯାହାକୁ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା।

■ ଡଙ୍କାରୀ କଳାପଥର ଖାଦାନରେ ଚଢ଼ଉ

## ୩ ହାଇୱା ଓ ୨ ହିଟାଚି ମେସିନ ଜବତ



**ଧର୍ମଶାଳା/କବାଟବନ୍ଧ, ୯।୨(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ କଳାପଥର ଖାଦାନ ଉପରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ତିନୋଟି ହାଇୱା ସହିତ ଦୁଇଟି ହିଟାଚି ମେସିନକୁ ଜବତ କରାଯାଇଛି।

ସୂଚନା ମୁତାବକ, ଶୁକ୍ରବାର ଦିନ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଡଙ୍କାରୀ କଳାପଥର ଖାଦାନ ଉପରେ ଚଢ଼ଉ କରାଯାଇଥିଲା। ଡଙ୍କାରୀ ପାହାଡ ୨ନଂ କ୍ୱାରୀ ଜଣେ ବ୍ୟକ୍ତିଙ୍କୁ ଦୀର୍ଘମିଆଦି ସୂତ୍ରରେ ନିଲାମ ଦିଆଯାଇଥିଲେ ସୁଦ୍ଧା ତାଙ୍କୁ କୌଣସି ପରିବହନ ଅନୁମତି ବିଭାଗ ପକ୍ଷରୁ ଦିଆଯାଇନାହିଁ। ତେଣୁ ଚଢ଼ଉ ସମୟରେ ସେଠାରେ ତିନୋଟି ହାଇୱା ଓ ଦୁଇଟି ହିଟାଚି ମେସିନକୁ ଦେଖି ବିଭାଗ ପକ୍ଷରୁ ସେଗୁଡିକୁ ଜବତ କରିବା ସହିତ ନିକଟରେ ଥିବା କ୍ରସରକୁ ଯାଞ୍ଚ କରାଯାଇଥିଲା। ସମ୍ପୃକ୍ତ କ୍ୱାରୀ ଲିଜଧାରୀ ଓ କାଗଜପତ୍ର ଦେଖାଇ ପାରି ନ ଥିବା କ୍ରସରକୁ ନୋଟିସ୍ ଜାରି କରାଯିବ ବୋଲି ଜିଲ୍ଲା ଖଣି ଉପ ମହାନିର୍ଦ୍ଦେଶକ ଜୟପ୍ରକାଶ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ଉ ସମୟରେ ଧର୍ମଶାଳା, ଜେନାପୁର ପୁଲିସ, ଧର୍ମଶାଳା ତହସିଲ ପ୍ରଶାସନ ଓ ଏସଡିପିଓଙ୍କ ସହିତ ଖଣି ବିଭାଗ ଅଧିକାରୀ ସାମିଲ ଥିଲେ।

## ୬୫ ଲିଟର ଦେଶୀମଦ ଜବତ, ୩ ଗିରଫ

**ବ୍ୟାସନଗର, ୯।୨(ସମିସ):** ଯାଜପୁର ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ବ୍ୟାସନଗର ବିଭିନ୍ନ ଛକରେ ଚଢ଼ଉ କରାଯାଇ ୬୫ ଲିଟର ଦେଶୀମଦ ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ୧୧ଟା ସମୟରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରିଣୀ ବିଜୟଲକ୍ଷ୍ମୀ ଦାସ ବ୍ୟାସନଗର ସହରର ମୁଣ୍ଡମାଳ, ପଦ୍ମପୁର ଓ ଖପୁରିଆପଦା ଛକରେ ଚଢ଼ଉ କରିଥିଲେ। ଏହି ସମୟରେ ୩ ଜଣ ବ୍ୟକ୍ତି ଦେଶୀମଦ ବିକିବାକୁ ଆସୁଥିବା ଦେଖି ଗିରଫ କରିଥିଲେ। ସେମାନେ ହେଲେ ଯାଜପୁରରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ଦୁଃଶାସନ ଦେହୁରୀ, ପଦ୍ମପୁର ଅଞ୍ଚଳର ରମା ମୁର୍ମୁ ଓ ଖପୁରିଆପଦା ଅଞ୍ଚଳର ଘନଶ୍ୟାମ ମଲ୍ଲିକ। ଏହି ଚଢ଼ଉରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ ପଣ୍ଡା, ଏସଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ ଓ କର୍ମଚାରୀ ସାମିଲ ଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

**ବିଂଝାରପୁର, ୯।୨(ସମିସ):** ବିଂଝାରପୁର ବ୍ଲକ ମାନଧାତାପାଟଣାସ୍ଥ ଜାନକୀ ମଧୁସୂଦନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ନୂଆ-ଓ ଓଡ଼ିଆ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ମଧୁସୂଦନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଙ୍ଗାଳ କଲେଜର ପୂର୍ବତନ ଅଧକ୍ଷ ଡଃ ଦେବପ୍ରସାଦ ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନୂଆ-ଓ ଓଡିଆ ଭାଷା କାର୍ଯ୍ୟକ୍ରମ ବିଷୟରେ ଅତିଥିମାନେ ନିଜସ୍ୱ ମତ ବ୍ୟକ୍ତ କରିଥିଲେ। ପରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀ ଓ ଅଭିଭାବକ ଯୋଗଦାନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧାପକ ବନବିହାରୀ ଦାସ ସଭା ପରିଚାଳନା କରିଥିଲେ।

## ବରାଂଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

**ହରିପୁର, ୯।୨ (ସମିସ):** ମୁଗୁପାଳ ପଞ୍ଚାୟତର ବରାଂଶ ଗ୍ରାମରେ ଥିବା ବରାଂଶ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧୫ତମ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର କୁମାର କଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସରପଞ୍ଚ ପ୍ରଜ୍ଞା ପରମିତା ମଲିକ ଓ ମୁଖ୍ୟବକ୍ତା ରୂପେ ଏବିଇଓ ଶାନ୍ତିଲତା ରାଉତ, ସମ୍ମାନିତ ଅତିଥି ରୂପେ ଗ୍ରାମ୍ୟ କମିଟି ସଭାପତି ପ୍ରସନ ରଥ, ପୂର୍ବତନ ସଭାପତି ଧନେଶ୍ୱର ପଣ୍ଡା, ଲକ୍ଷ୍ମୀକାନ୍ତ ଶତପଥୀ, ସମ୍ପାଦକ କାଳନ୍ଦୀ କଣ୍ଡ, ପୂର୍ବତନ ସମ୍ପାଦକ ବିଶ୍ୱମୋହନ ପତି, ଅବସରପ୍ରାପ୍ତ ସଙ୍ଗୀତ ଶିକ୍ଷକ ପ୍ରମୋଦ ଦାସ, ସିଆରସିସି ବିମଳ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କାମିନୀବାଳା ମଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ କିରଣବାଳା ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ବିଶିଷ୍ଟ ପଣ୍ଡିତ ପର୍ଶୁରାମ ରଥ ଶର୍ମାଙ୍କ ପରଲୋକରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କୃତି ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥିଲା।

## ବାଲ୍ୟବିବାହ ସମ୍ପର୍କିତ ଏକଦିବସୀୟ ପ୍ରଶିକ୍ଷଣ ଶିବିର



**ଯାଜପୁର, ୯।୨(ସମିସ):** ଦଶରଥପୁର ବ୍ଲକସ୍ତରୀୟ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି, ବାଲ୍ୟବିବାହ ସ୍ୱତନ୍ତ୍ର ବଳ କାର୍ଯ୍ୟକ୍ରମର ସମସ୍ତ ସଦସ୍ୟ ସଦସ୍ୟଙ୍କ ପାଇଁ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦଶରଥପୁର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ରୂପେ ଦଶରଥପୁର ପଞ୍ଚାୟତ ସମିତି ଅଧକ୍ଷ ଦିଗମ୍ବର ମଲ୍ଲିକ ଉଦଘାଟନ କରି କହିଲେ, ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି। କିନ୍ତୁ କିଛି ଶିଶୁ ସେମାନଙ୍କ ଅଧିକାର ପାଇପାରୁନାହାନ୍ତି। ଏଥିପାଇଁ ଯୋଜନା ରୂପାୟନ କ୍ଷେତ୍ରରେ ଅଂଶୀଦାର ସମୂହଙ୍କ ନିଷ୍ଠା ଓ ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ଅନ୍ୟତମ ସମ୍ମାନିତ ଅତିଥି ରୂପେ ଦଶରଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାର ବ୍ୟାପକ ସଚେତନତା ରହିଛି। ସମସ୍ତେ ମିଳିମିଶି କାମ କଲେ ଯୋଜନାର ଲକ୍ଷ୍ୟ ସାଧନ କରିପାରିବା ବୋଲି କହିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସରକାରଙ୍କ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରତ୍ୟେକ ପଞ୍ଚାୟତରେ ଶିଶୁ ଅନୁକୂଳ ଓ ମହିଳା ଅନୁକୂଳ ବାତାବରଣ ସୃଷ୍ଟି ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶିଶୁମାନେ ଆମ ଦେଶର ଅମୂଲ୍ୟ ସମ୍ପଦ। ସେମାନଙ୍କ ବଞ୍ଚିବାର ଅଧିକାର, ବିକାଶର ଅଧିକାର, ସୁରକ୍ଷାର ଅଧିକାର ଓ ସହାଭାଗିତାର ଅଧିକାରକୁ ସୁନିଶ୍ଚିତ କରିବାକୁ ହେବ। ଏଥିପାଇଁ ସମ୍ମିଳିତ ପ୍ରୟାସ ଲୋଡ଼ା ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ବିଦ୍ୟୁଦ୍ବଳୟ ସାମଲ, ମଣ୍ଡଳ ଶିକ୍ଷାଧିକାରୀ ଯୋଗଦେଇ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ବିରୁହାଁ ସରପଞ୍ଚ ସୁବାସ ଚନ୍ଦ୍ର ଦେବତା ଓ ବିରଜାପୁର ସରପଞ୍ଚ ନିରାକାର ସାହୁ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଷୟ ବିଶାରଦ ରୂପ ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ ଯୋଗଦେଇ ଗ୍ରାମ୍ୟ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ଶିଶୁଙ୍କ ଅଧିକାର ଓ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା କମିଟି କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଶରଥପୁର ବ୍ଲକର ସମସ୍ତ ସରପଞ୍ଚ, ଶିଶୁ ସୁରକ୍ଷା କମିଟି ଅଧକ୍ଷା, ମହିଳା ପରିଦର୍ଶିକା, ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ।

## ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ବଣ୍ଟନର ଶୁଭାରମ୍ଭ



**ଯାଜପୁର, ୯।୨(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଜରିଆରେ ପୂର୍ବାହ୍ନ ୧୦ ଘଟିକାରେ ଯାଜପୁର ପୌରପାଳିକାର ୧ ନମ୍ବର ୱାର୍ଡର ମହେଶ୍ୱର ସାହୁଙ୍କ ଖୁଚୁରା ବିକ୍ରୟକେନ୍ଦ୍ରରେ ହିତାଧିକାରୀଙ୍କୁ ୨ଟି ଲେଖାଏଁ ଝୋଟ ବ୍ୟାଗ୍ ବଣ୍ଟନ କରାଯାଇଛି। ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ ମଲ୍ଲିକ, ଜିଲ୍ଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟନାରାୟଣ ପାଟଯୋଶୀଙ୍କ ସମେତ ଯୋଗାଣ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ଝୋଟବ୍ୟାଗ ପ୍ରତ୍ୟେକ ହିତାଧିକାରୀଙ୍କୁ ୨ଟି ଲେଖାଏଁ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି।

## ସଞ୍ଜୟ ପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସୁକିନ୍ଦା, ୯।୨(ସମିସ):** ଶୁକ୍ରବାର ଡୁବୁରୀ ଫରେଷ୍ଟ ଗ୍ରାଉଣ୍ଡରେ ସଞ୍ଜୟ ପାତ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଡୁବୁରୀ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ୩ ଦିନ ଧରି ଜାରି ରହିବ। ଚଳିତ ବର୍ଷ ଭିନ୍ନ ଢଙ୍ଗରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଦିନରେ



ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ସନ୍ଧ୍ୟାରେ ଫ୍ରାଞ୍ଚାଇଜ ଦଳଙ୍କ ମଧ୍ୟରେ ରାତ୍ରକାଳୀନ ୨୦-ଟ୍ୱେଣ୍ଟି କ୍ରିକେଟ ଆୟୋଜିତ ହେଉଛି। ଦିବା ପ୍ରତିଯୋଗିତାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିବାବେଳେ ରାତ୍ରକାଳୀନ ମ୍ୟାଚ୍‌ରେ ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱଜିତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କ୍ରିକେଟ ଜଗତର ବହୁ ନାମୀଦାମୀ ଖେଳାଳିଙ୍କୁ ଦେଖିବାକୁ ମିଳିଛି। ସୁକିନ୍ଦା ବ୍ଲକ ଅଧକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସରପଞ୍ଚ ନିରୂପମା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, କୃଷି ସମବାୟ ସମିତି ସଭାପତି ବିଜୟ କୁମାର ଦାସ, ଯୁବନେତା ଜୟନ୍ତ ରାଉତ, ସଞ୍ଜୟ ରାଉତ, ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଚାରଣ ପଣ୍ଡିତ ଯୁଗଳ ମିଶ୍ରଙ୍କ ପରଲୋକ

**ବ୍ୟାସନଗର, ୯।୧(ସମିସ):** ଶୁକ୍ରବାର ସକାଳ ୭.୩୦ ମିନିଟ୍ ସମୟରେ କୋ-ଅପରେଟିଭ୍ ସୋସାଇଟର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ଅଫିସର ତଥା ଚାରଣ ପଣ୍ଡିତ ଯୁଗଳ କିଶୋର ମିଶ୍ର (୮୦)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ବ୍ୟାସନଗର ମୁଣ୍ଡମାଳ ବାସିନ୍ଦା ସ୍ୱର୍ଗତ



ମିଶ୍ର ଅସୁସ୍ଥତା ଯୋଗୁଁ ଭୁବନେଶ୍ୱରରେ ତାଙ୍କ ବଡପୁଅଙ୍କ ପାଖରେ କିଛି ଦିନ ହେବ ରହୁଥିଲେ। ଶୁକ୍ରବାର ସକାଳେ ଭୁବନେଶ୍ୱରେ ବଡପୁଅଙ୍କ ବାସଭବନରେ ତାଙ୍କର ବିୟୋଗ ଘଟିଛି। ତାଙ୍କ ମରଶରୀର ଅପରାହ୍ନରେ ବ୍ୟାସନଗର ବାସଭବନରେ ପହଞ୍ଚିଥିଲା। ତାଙ୍କ ବାସଭବନରେ ସହରର ବୁଦ୍ଧିଜୀବୀ, ସାହିତ୍ୟିକ, କବି, କବୟିତ୍ରୀ, ବିଭିନ୍ନ ଧାର୍ମିକ ସଂଗଠନ, ବ୍ୟାସନଗର ନାଗରିକ କମିଟି, ଉତ୍କଳ ଦିବସ ସମାରୋହ ସମିତି, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମେତ ଆତ୍ମୀୟଙ୍କ ଭିଡ ଜମିଥିଲା। ପୁଅ ରାଜକିଶୋର, ବିଜୟ ଓ ଜୀବନ, ଝିଅ ସର୍ମିଷ୍ଠା ଓ ଧର୍ମପତ୍ନୀ ଶିଶିକଳାଙ୍କ ସମେତ ଶୋକାକୁଳ ପରିବାରକୁ ସହରର ବିଶିଷ୍ଟ ବ୍ୟକ୍ତିମାନେ ସାନ୍ତ୍ୱନା ଦେଇଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଜନ୍ମଭୂମି ବରୀସ୍ଥ କିମିରିଆପାଳକୁ ନିଆଯାଇଥିଲା। ସେଠାରେ ଶେଷକୃତ୍ୟ କରାଯାଇଛି।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ

**ବିଂଝାରପୁର, ୯।୨(ସମିସ):** ଯାଜପୁର ଜିଲ୍ଲା ବାଲାଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ପ୍ରାଧାପକ ଶିକ୍ଷାବିତ ଓ ସାହିତ୍ୟିକ ନେତ୍ରାନନ୍ଦ ଦାସ ଯୋଗଦେଇ ଆଲୋଚନାଚକ୍ରରେ ମାନବୀୟ ଲୀଳା ସମ୍ପର୍କରେ କୁମାର ରାୟ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ କୁମାର ସାମଲ, ମଦନମୋହନ ପରିଡ଼ା, ଅଧାପକ ମଣ୍ଟୁ



ବିଂଝାରପୁର ନିକଟବର୍ତ୍ତୀ ଅଙ୍ଗାଳସ୍ଥ ଲଛମନ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ କବି ଡଃ ଶ୍ରୀହରି ଧଳ ଓ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନା ଆଧାରିତ ଆଲୋକପାତ କରିଥିଲେ। ଅଧକ୍ଷ ଆଶିଷ ଅତିଥି ଭାବେ ଓଡ଼ିଆ ବିଭାଗ ମୁଖ୍ୟ ଆଲୋକ ବଳବନ୍ତରାୟ, ଅଧାପକ ସୁନୀଲ କୁମାର ରାଉତ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି +୩ ଅଧକ୍ଷ ଜୟଦେବ ଥାଟୋଇ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ଅବନୀ ସାମଲ, ଆଲୋକ ବାରିକ, ରାମଚନ୍ଦ୍ର ସାମଲ, ନିହାର ରଞ୍ଜନ ବଳ, ପ୍ରସନ୍ନ ବିଶ୍ୱାଳ, ଅଧାପିକା ମୋନାଲିସା ପରିଡ଼ା, ତନୁଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଅଟୋ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

**ସୁକିନ୍ଦା, ୯।୨(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଡୁବୁରୀ ରାସ୍ତାର ସଂସାଇଲୋ ଛକ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ତିନିଜଣ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ପାଟପୁର ଅଞ୍ଚଳର ଏକ ପରିବାର ଅଟୋରେ ଅଙ୍କୁରାପାଳ ଅଞ୍ଚଳକୁ ଶୁକ୍ରବାର ସନ୍ଧ୍ୟାରେ ଯାଉଥିବା ସମୟରେ ସଂସାଇଲୋ ଛକ ନିକଟରେ ଅଟୋ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଅଟୋ ଡ୍ରାଇଭର ସହ ସେଥିରେ ଥିବା ଆଦିବାସୀ ଦମ୍ପତି ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୁକିନ୍ଦା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଜାରି ରହିଛି। ଆହତଙ୍କ ପରିଚୟ ମିଳିପାରିନାହିଁ। ସୁକିନ୍ଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଇକୋ କ୍ଲବ୍ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର




**ଯାଜପୁର, ୯।୨(ସମିସ):** ସ୍ଥାନୀୟ ବୈଷ୍ଣବ ଦତ୍ତ ହାଇସ୍କୁଲ ପରିସରରେ ଇକୋ କ୍ଲବ୍ ଶିକ୍ଷକଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଯାଜପୁର ଉଦ୍ୟାନ ବିଭାଗ ଅଧିକାରୀ ହରମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆବାହକ ଶରତ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ସହ ଉଦ୍ୟାନବିତ ଶୁଭଶ୍ରୀ ନାୟକ ଯୋଗ ଦେଇ ବିଦ୍ୟାଳୟରେ ଇକୋ କ୍ଲବର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଏ ଅବସରରେ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକ, ଯୁଗ୍ମ ସଂଯୋଜକ ମଳୟ ମିତ୍ର, ନୃସିଂହ ଚରଣ ବେହେରା, ମହେଶ୍ୱର ଜେନାସାମନ୍ତ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇ ଇକୋ କ୍ଲବ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପରିବେଶ ସମ୍ପର୍କରେ ସଚେତନ କରାଯାଇପାରିବ ଓ ପରିବେଶ ରକ୍ଷା କରାଯାଇପାରିବ ବୋଲି ମତପ୍ରକାଶ କରିଥିଲେ। ଏ ଅବସରରେ ଜିଲ୍ଲାର ୫ଟି ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଜିଆ ଖତ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତିର ପ୍ରତିବାଦ

# ୧୬ରେ ମିଳିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ

**ବ୍ୟାସନଗର, ୯।୨(ସମିସ)**

କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ଆସନ୍ତା ୧୬ ତାରିଖରେ ଦେଶବ୍ୟାପି ଆନ୍ଦୋଳନ, ଧର୍ମଘଟ, ଗ୍ରାମୀଣ ଭାରତ ବନ୍ଦ କରାଯିବ। ଯାଜପୁର ଜିଲ୍ଲାରେ ଏହାକୁ ସଫଳ କରିବାକୁ ଆଜି ସାପଗାଡ଼ିଆସ୍ଥ ଆଇଏନଟିୟୁସି ଯାଜପୁର ଜିଲ୍ଲା କାର୍ଯ୍ୟାଳୟରେ ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶବ୍ୟାପି ଏହି ହରତାଳକୁ ଓଡ଼ିଶାରେ ସମସ୍ତ କୃଷକ ଶ୍ରମିକ ଓ କର୍ମଚାରୀ ଅଂଶଗ୍ରହଣ କରିବାକୁ ମିଳିତ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ଓ ସଂଯୁକ୍ତ କିସାନ ମୋର୍ଚ୍ଚା ଡକରାରେ ହରତାଳ ସହିତ ଗ୍ରାମୀଣ ଭାରତ ବନ୍ଦକୁ ବିଭିନ୍ନ ଅଞ୍ଚଳରେ ସମସ୍ତ ବିରୋଧୀ ଦଳଙ୍କୁ



ନେଇ ସଫଳ କରିବାକୁ ରାଜ୍ୟ ତମାମ ପ୍ରଚାର ପ୍ରସାର ଆରମ୍ଭ ହୋଇଯାଇଛି। ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମକୋଡ୍ ବାତିଲ କରିବା, ଲକ୍ଷ୍ମୀପୁର କୃଷକ ଗଣହତ୍ୟା ଷଡ଼ଯନ୍ତ୍ରକାରୀ ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବହିଷ୍କାର କରିବା, ଶ୍ରମିକଙ୍କୁ ମାସିକ ୨୬ ହଜାର ଦରମା ଦେବା, ମନେରେଗା ଶ୍ରମିକଙ୍କୁ ଦୈନିକ ୬୦୦ ଟଙ୍କା ମଜୁରି ସହିତ ବାର୍ଷିକ ୨୦୦ ଦିନ କାର୍ଯ୍ୟ ଓ ପୁରୁଣା ପେନସନ ଲାଗୁ କରିବା, ରେଳ, ବିମାନ, ବନ୍ଦର, ପରିବହନ, ଡାକ, ଟେଲିକମ, ବିଦ୍ୟୁତ, କୋଇଲା ତୈଳ କ୍ଷେତ୍ର ଇତ୍ୟାଦି ରାଷ୍ଟ୍ରାୟତ ଶିଳ୍ପକୁ ଘରୋଇକରଣ ନ କରିବା ଦାବି ନେଇ ଯାଜପୁର ଜିଲ୍ଲାରେ କଳିଙ୍ଗନଗର, ଯାଜପୁରରୋଡ, ପାଣିକୋଇଲି, ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଯାଜପୁରଟାଉନ ଓ ମଙ୍ଗଳପୁରରେ ମିଳିତ କେନ୍ଦ୍ରୀୟ ଟ୍ରେଡ଼ ୟୁନିଅନ ବିଭିନ୍ନ ରାଜନୈତିକ ଦଳ ସହଯୋଗରେ ଏହି ହରତାଳ ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ, ଆଇଏନଟିୟୁସି ଜିଲ୍ଲା ସଭାପତି ରଘୁନାଥ ମାଝୀ, ଏଆଇଟିୟୁସି ଜିଲ୍ଲା ସଭାପତି କରୁଣାକର ମହାରଣା, ସମ୍ପାଦକ ମଧୁସୂଦନ ଜେନା ଓ ଆଇଏନଟିୟୁସି ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡ଼ା, ନିର୍ମଳ ରଥ, ସୁରେଶ ସାହୁ, ଗଗନ ଜେନା ଓ ବିଦ୍ୟାଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ତୃତୀୟ ଦିବସରେ ଓଳାଶୁଣୀ ଗୁମ୍ଫାମେଳା

# ମେଳିଛି ପଥର ସାମଗ୍ରୀ ପସରା; ଅପେରା ହଲ୍‌ରେ ଭିଡ଼

ବାଲିଚନ୍ଦ୍ରପୁର, ୯।୨(ସମିସ): ଓଳାଶୁଣୀ ଗୁମ୍ଫାମେଳା ତୃତୀୟ ଦିନରେ ପହଞ୍ଚିଛି। ଗର୍ଜନ ତର୍ଜନରେ ଓଳାଶୁଣୀ ଗୁମ୍ଫାମେଳା



ଦୁଲୁକୁଛି। ସନ୍ଧ୍ୟା ଆସିଲେ ହଜାର ହଜାର ସଂଖ୍ୟାରେ ଲୋକେ ମେଳା ପଡ଼ିଆରେ ଭିଡ଼ ଜମୁଛି। ମେଳା ପଡ଼ିଆରେ ଚକି, ଶିଳର ଦୋକାନ ସହ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନର ପସରା ମେଳିଛି। ଏଥିସହ ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟ ସଂସ୍ଥା ବାଘାଯତୀନ ଲୋକନାଟ୍ୟ ଓ ସାଇ ସମ୍ରାଟ ଯାତ୍ରା ପାର୍ଟି ପଡ଼ିଥିବାରୁ ରାତିରେ ଯାତ୍ରାପ୍ରେମୀଙ୍କ ଭିଡ଼ ଜମୁଛି।

ଚକି ଶିଳର ଆଦର ବଢୁଛି: ଓଳାଶୁଣୀ ଗୁମ୍ଫାମେଳାରେ ବିଭିନ୍ନ କିଷମର ଚକି ଶିଳ ଦୋକାନ ଖୋଲିଛି। ଏହି ମେଳାରେ ପଥର ଶିଳ୍ପୀର ଗାଁ ଶୁଖୁଆପଡ଼ା, ଲଳିତଗିରି, ବନ୍ଦରେଶ୍ୱର ଆଦି ପଥର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଚକି ଶିଳ ଓ ଅନ୍ୟାନ୍ୟ ଘରକରଣା ପଥର ସାମଗ୍ରୀର ପସରା ମେଳିଛି। ଦୂରଦୁରାନ୍ତରୁ ଆସୁଥିବା ଲୋକଙ୍କ ଏଠାରେ ଭିଡ଼ ଜମୁଛି।

ଖେଳନା ଓ ମନୋହରୀ ଦୋକାନରେ ମହିଳାଙ୍କ ଭିଡ଼: ମେଳାରେ ବିଭିନ୍ନ ରକମର ମନୋହରି ସାମଗ୍ରୀ କିଣିବା ପାଇଁ ମହିଳାଙ୍କ ଭିଡ ଜମୁଛି। ଏହି ଦୋକାନ ସାମ୍ନାରେ ଦିନରୁ ରାତି ଯାଏ ନାହିଁ ନ ଥିବା ଭିଡ ଦେଖିବାକୁ ମିଳୁଛି।

ଅସ୍ୱାସ୍ଥ୍ୟକରପରିବେଶ: ଓଳାଶୁଣୀମେଳା ପୂର୍ବରୁ ବସିଥିବା ପ୍ରସ୍ତୁତି ବୈଠକରେ ପ୍ରଶାସନ ସ୍ୱଚ୍ଛତା, ପରିଚ୍ଛନ୍ନତା ଓ ଅବକାରୀ ବିଷୟରେ ସଜାଗ ରହିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଓଳାଶୁଣୀ ସ୍ଥାନେ ସ୍ଥାନେ ଆବର୍ଜନା ପଡ଼ିଥିବା ଦେଖିବାକୁ ମିଳୁଛି। ସଫା କରିବା ପାଇଁ ପ୍ରଶାସନର କୌଣସି ଆଗ୍ରହ ପରିଲକ୍ଷିତ ହେଉନି। ରାତ୍ରରେ ମେଳା ପଡ଼ିଆରେ ମଦର ଆସର ଜମୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଶ୍ରଦ୍ଧାଳୁ ଦାବି କରୁଛନ୍ତି।



# ଟାଟା ଷ୍ଟିଲ୍ ପକ୍ଷରୁ ଆଦିବାସୀ ସମ୍ପ୍ରଦାୟଙ୍କୁ ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରଦାନ



କାଳିଆପାଣି, ୯।୨ (ସମିସ): କାଳିଆପାଣି ଖଣି ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ସାନ୍ତାଳୀ ଓ ହୋ'ମାନେ ବହୁ ସଂଖ୍ୟାରେ ବସବାସ କରନ୍ତି। ଅତି ନିରାଡ଼ମ୍ବର ଓ ସବୁବେଳେ ନାଚଗୀତରେ ମସଗୁଲ ରହିବା ଏମାନଙ୍କର ପ୍ରକୃତିଗତ ଗୁଣ। ଦିନର କଠିନ ପରିଶ୍ରମକୁ ଲାଘବ କରିବାପାଇଁ ସନ୍ଧ୍ୟାରେ ପାରମ୍ପରିକ ବାଦ୍ୟଯନ୍ତ୍ର ସହିତ ନାଚଗୀତରେ ମସଗୁଲ ହୋଇଯିବା ଏମାନଙ୍କ ଦୈନନ୍ଦିନ ଜୀବନଶୈଳୀ। କିନ୍ତୁ ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ଆଉ ବେରୋଜଗାରୀ ଏମାନଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ବାଧ୍ୟ କରିଛି। ବର୍ତ୍ତମାନ ଆଦିବାସୀ ଗ୍ରାମରେ ଏମାନଙ୍କ ପାରମ୍ପରିକ ନାଚଗୀତ ଓ ବାଦ୍ୟଯନ୍ତ୍ରର ସୁମଧୁର ସ୍ୱର କାହିଁ କେବେ କେଉଁଠି ଦିନେ ଅଧେ ଶୁଣିବାକୁ ମିଳୁଛି। ଆର୍ଥିକ ଅନଟନରେ ଘାଣ୍ଟି ହେଉଥିବା ହୋ ଓ ସାନ୍ତାଳୀ ନିଜ ଜୀବନକୁ ବଞ୍ଚାଇ ରଖିବାକୁ ସଂଘର୍ଷ କରୁଥିବାବେଳେ ନାଚଗୀତ ଓ ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରତି ସମୟ ଦେବାକୁ ସାହସ କରିପାରୁନାହାନ୍ତି। ଧୀରେଧୀରେ ଏସବୁ ବିଲୁପ୍ତ ଆଡକୁ ଗତି କରୁଛି। ତେବେ ଟାଟା କମ୍ପାନୀ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିଛି। ଆଦିବାସୀଙ୍କ ବିଲୁପ୍ତ ହେବାକୁ ଯାଉଥିବା ଉକ୍ତ ପାରମ୍ପରିକ ଜୀବନ ଶୈଳୀକୁ ପୁନର୍ଜୀବିତ କରି ଏମାନଙ୍କ ମୁହଁରେ ହସ ଖେଳାଇବାକୁ ପ୍ରୟାସ ଆରମ୍ଭ ହୋଇଛି। ଆଜି ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଖଣିଅଞ୍ଚଳର ବିଭିନ୍ନ ପଞ୍ଚାୟତରେ କେତେକ ଗାଁରେ ହୋ ଓ ସାନ୍ତାଳୀଙ୍କୁ ସେମାନଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର ନାଗରା, ବଂଶୀ, ମାଦଳ ଓ କେନ୍ଦରା ବଣ୍ଟନ କରାଯାଇଛି। ଏଥିସହ ସାନ୍ତାଳୀଙ୍କ ପାଇଁ ଖୁଣ୍ଟପୋସି ଓ ବାଲିପଡ଼ା ଏବଂ ହୋମାନଙ୍କ ପାଇଁ ମହୁଲଖାଲଠାରେ ସ୍ୱତନ୍ତ୍ର ତାଲିମର ବ୍ୟବସ୍ଥା କରାଯାଇଛି। ଏହି ଘେଷ୍ଠରୁ ୮ଟି ମାଦଳ, ୭ଟି ନାଗରା ବାଜା, ୭ଟି ବଇଁଶୀ ଓ ଗୋଟିଏ ଲେଖାଏଁ କେନ୍ଦରା ବାଦ୍ୟ ପ୍ରଦାନ କରାଯାଇଛି। ଆଜି ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଦେବେନ୍ଦ୍ର ମୁଖାର୍ଜୀ ଓ ସହଯୋଗୀ ଗ୍ରେସୀ ମାଡାମ ଏହି ବାଦ୍ୟଯନ୍ତ୍ର କମ୍ପାନୀ ପରିସରସ୍ଥ କାଫେଟେରିଆ ହଲ ପ୍ରାଙ୍ଗଣରେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁଯାୟୀ କୁଆଙ୍ଗ ଜନଜାତିଙ୍କ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ପାରମ୍ପରିକ ଚାଙ୍ଗୁ ବାଦ୍ୟ ମଧ୍ୟ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି ବୋଲି ଶ୍ରୀ ମୁଖାର୍ଜୀ କହିଛନ୍ତି।

# ଏନ୍‌ଏମ୍ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଯାଜପୁର, ୯।୨ (ସମିସ): ଛତିଶ ଦେବିଲସ୍ଥ ନକ୍ଷତ୍ରମାଳିନୀ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ମୋହନ ଚରଣ ଯେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରଥମେ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ଭାଇଭଉଣୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତତ୍ପରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ପରିବେଶ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଥିଲା। ବରିଷ୍ଠ ଶିକ୍ଷକ ନଟବର ବେହେରା ଶ୍ରୀଗୁରୁ ଅଷ୍ଟକମ ପାଠ କରିବା ସହ



ଜୀବନକୁ ଗଢ଼ିବାର ସୂତ୍ର ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବକୁ ସଭାପତି ଲୋକନାଥେଶ୍ୱର ବିଶ୍ୱାଳ, ଶିକ୍ଷକ ସୁରେଶ ମାଝୀ, ପୀତାମ୍ବର ସେଠୀ, ରାଜକିଶୋର ବିଶ୍ୱାଳ, ଭୁଟା ମୁର୍ମୁ, ତାପସ ଜେନା, ସୁଲୋଚନା ଜେନା, ମନୋରମା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# କଳାକାରଙ୍କ ଦ୍ୱାରା ସରକାରୀ ଯୋଜନା ସଚେତନତା

କୁଆଖିଆ, ୯।୨(ସମିସ): ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବାକୁ କଳାକୁ ମାଧ୍ୟମ କରାଯାଇଛି। ଏଭଳି ପ୍ରୟାସରେ ପାରମ୍ପରିକ କଳା ବଞ୍ଚିବା ସହ କଳାକାରଙ୍କୁ ପାରିଶ୍ରମିକ ମିଳିପାରୁଛି। ଗାଁର ବିଭିନ୍ନ ଛକ ବଜାରରେ ପାଲା, ଦାସକାଠିଆ, ଲଉଡିଖେଳ, ଖଞ୍ଜଣି ବାଦକ, କେନ୍ଦରାବାଲା, ଘୋଡାନାଚ, ଲୋକନୃତ୍ୟ ମାଧ୍ୟମରେ



ସରକାରଙ୍କ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ କଳାକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବିଭିନ୍ନ ସ୍ଥାନରେ ଜନପ୍ରତିନିଧି, ଏମବିକେ, ସିଆରପି, ପଞ୍ଚାୟତ ଜିପି ଫେଡରେସନ ସଭାପତି, ସମ୍ପାଦିକା, ସ୍ୱୟଂସହାୟିକା ଗୋଷ୍ଠୀ ମହିଳା ଏହି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ସରକାରୀ ଯୋଜନାର ସୁଫଳ ପାଇବାକୁ ଜନସାଧାରଣ କି ଉପାୟ ଅବଲମ୍ବନ କରିବେ, ସେ ଦିଗରେ ଗୀତ ଓ ନୃତ୍ୟ ମାଧ୍ୟମରେ ସଚେତନ କରାଯାଉଛି। କେଉଁ ଯୋଜନାରେ କ'ଣ ସୁବିଧା ରହିଛି ଓ ଯୋଜନା ସୁଫଳ ହାତେଇବାରେ କିଛି ବାଧା ଉପୁଜିଲେ ହିତାଧିକାରୀଙ୍କୁ କ'ଣ କରିବାକୁ ହେବ, ସେ ନେଇ ସୂଚନା ଦିଆଯାଉଛି। ଏହି କାର୍ଯ୍ୟକ୍ରମ ବ୍ଲକର ୨୮ ଟି ପଞ୍ଚାୟତରେ ଜାରି ରହିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଜାରି ରହିବ।

# ଭୋଟକା ପଞ୍ଚାୟତରେ ଗ୍ରାମସଭା

କୁଆଖିଆ, ୯।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ୪ଟି କେନ୍ଦ୍ରୀୟ ଯୋଜନାର ବିଭିନ୍ନ ଦିଗକୁ ସମୀକ୍ଷା କରାଯାଇଥିଲା।



ଗତ ୬ ମାସ ମଧ୍ୟରେ ଯୋଜନାକୁ ନେଇ ତୃଣମୂଳ ସ୍ତରରେ ସାଧାରଣ ଲୋକେ କେତେ ଉପକୃତ ହୋଇଛନ୍ତି, ସମୀକ୍ଷକ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ। ତେବେ ପଞ୍ଚାୟତ ଫାଇଲ୍‌ରେ ତାଳମେଳ ନ ଥିବା କେତେକ ତଥ୍ୟକୁ ଗ୍ରାମ ସଭାରେ ଉପସ୍ଥାପନ କରାଯାଇଥିଲା। ଉକ୍ତ ତଥ୍ୟ ସମ୍ପର୍କରେ ପଞ୍ଚାୟତରେ କାର୍ଯ୍ୟରତ ଅଧିକାରୀ ସ୍ପଷ୍ଟିକରଣ ଦେଇଥିଲେ। ଯୋଜନାରୁ ମିଳିଥିବା ତଥ୍ୟ ସମ୍ପର୍କରେ ସଭାରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଉପସ୍ଥିତ ଗ୍ରାମବାସୀ ଓ ସଦସ୍ୟାସଦସ୍ୟଙ୍କ ମତ ନିଆଯାଇ ଚୂଡାନ୍ତ ନିଷ୍ପତି ଗ୍ରହଣ କରାଯାଇଥିଲା। ଉକ୍ତ ନିଷ୍ପତ୍ତି ମୁତାବକ ଗ୍ରାମସଭା ବିବରଣୀ ଲେଖାଯାଇ ବ୍ଲକ ଜନଶୁଣାଣିରେ ଉପସ୍ଥାପନ କରାଯିବ ବୋଲି ଜଣାଯାଇଛି।

କେନ୍ଦ୍ରୀୟ ଯୋଜନା ଭାବେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କ୍ଲଷ୍ଟର ସାମାଜିକ ସମୀକ୍ଷିକା ରମାମଣି ସାହୁ ଓ ମଧୁସ୍ମିତା ସାହୁ ପଞ୍ଚାୟତର ୭ଟି ରାଜସ୍ୱ ଗ୍ରାମକୁ ଯାଇ ରାସନ କାର୍ଡଧାରୀ, ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ, ଭତ୍ତା ପାଉଥିବା ହିତାଧିକାରୀ ଓ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ଓ ଏଥିରେ ନିୟୋଜିତ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କିତ ଫାଇଲପତ୍ରକୁ ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ। ଶିକ୍ଷାବିତ୍ ନଗେନ୍ଦ୍ର କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗ୍ରାମସଭାରେ ସମୀକ୍ଷିକା ପ୍ରସ୍ତୁତ ରିପୋର୍ଟକୁ ଉପସ୍ଥାପନ କରିଥିଲେ। ଉକ୍ତ ରିପୋର୍ଟକୁ ନେଇ ସଭାରେ ଉପସ୍ଥିତ ସରପଞ୍ଚ ସ୍ମୃତିରେଖା ରାଉତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ, ବ୍ଲକ ସାମାଜିକ ସମୀକ୍ଷକ ରିଙ୍କୁନ ସ୍ୱାଇଁ, ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ଘଡ଼ାଇ, ନାଏବ ସରପଞ୍ଚ କେଦାର ଦେଓ, ଏମବିକେ ସସ୍ମିତା ଆଏଚ, ୱାର୍ଡସଭ୍ୟ ନୃସିଂହ ମଲିକ, ଚିତ୍ତରଞ୍ଜନ ଦାସ, ରଞ୍ଜିତା ମଲିକଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା

ଛତିଆ, ୯।୨(ସମିସ): ଯାଜପୁର ଜିଲ୍ଲାର ଶ୍ରେଷ୍ଠ ସିଆରସିସି ଭାବେ ଛତିଆର ରଶ୍ମୀରଞ୍ଜନ ଷେଣ୍ଟଙ୍କୁ ଗତ ୩୧ ତାରିଖ ଦିନ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏ ପରିପ୍ରେକ୍ଷୀରେ ଛତିଆରେ ରଶ୍ମୀରଞ୍ଜନ ଷେଣ୍ଟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରଶ୍ମୀରଞ୍ଜନ ଷେଣ୍ଟଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଛତିଆ ସାମୟିକ କ୍ରୀଡ଼ା ଶିକ୍ଷକ ମନୋଜ ସାହୁ, ଅମରେନ୍ଦ୍ର ସାମନ୍ତରାୟ, ଭବାନୀ ଶଙ୍କର ମହାପାତ୍ର, ସୁରେନ୍ଦ୍ର ବିଶ୍ୱାଳ, ବୀରେନ୍ଦ୍ର ବିକ୍ରମ ପ୍ରତାପ ସିଂ, ସିଲୁ ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଯାଜପୁର, ୯।୨(ସମିସ): ଯାଜପୁରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ସ୍ମୃତିରେଖା ନାୟକ, ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଉତ୍ତରପୂର୍ବ ସମ୍ଭାଗ ସଭାପତି ଶିବନାରାୟଣ ସିଂହ, ବିଦ୍ୟାଳୟ ପ୍ରଶାସନିକ କମିଟି ମୁଖ୍ୟ ରବୀନ୍ଦ୍ରନାଥ ସାହୁ, ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପିଲାଙ୍କ ଉନ୍ନତ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ସହ



କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉନ୍ନତମାନର ଶିକ୍ଷା ମିଳୁଛି। ପ୍ରତ୍ୟେକ ବର୍ଷ ଶିଶୁ ମନ୍ଦିରରୁ ଅନେକ ପିଲା କୃତିତ୍ୱ ଲାଭ କରି ବଡ଼ ବଡ଼ ପଦପଦବୀରେ ଅଛନ୍ତି। ଆଗକୁ ମଧ୍ୟ ଏହି ସ୍କୁଲ ତା'ର ପୂର୍ବ ଗାରିମା ବଜାୟ ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଥମେ ସ୍କୁଲର ଆଚାର୍ଯ୍ୟ ଅଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭା ପରିଚାଳନା କରିଥିଲେ ବରିଷ୍ଠ ଗୁରୁମା ଅନୁସୂୟା ପଣ୍ଡା। ଏହି ବାର୍ଷିକ ଉତ୍ସବରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୂର୍ଣ୍ଣାନନ୍ଦ ଗୁରୁଜୀ, ସୂର୍ଯ୍ୟମଣି ଗୁରୁଜୀ, ଦୟାନିଧି ଗୁରୁଜୀ, ସରୋଜିନୀ ଗୁରୁମା, ମମତା ଗୁରୁମା, ଭାବଗ୍ରାହୀ ଗୁରୁଜୀ, ଶୁଭେନ୍ଦୁ ଗୁରୁଜୀ, ରାଜେନ୍ଦ୍ର ଗୁରୁଜୀ, କ୍ଷୀରୋଦ ଗୁରୁଜୀ, ଦେବେନ୍ଦ୍ର ଗୁରୁଜୀ, ଶରତ ଗୁରୁଜୀ, କୈବଲ୍ୟ ଗୁରୁଜୀ, ସ୍ୱପ୍ନା ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା



କୁଆଖିଆ, ୯।୨ (ସମିସ): ରସୁଲପୁର ଓ ଯାଜପୁର ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ '୫-ଟି' ମଲପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସହାକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି କ୍ରମରେ ବିଦ୍ୟାଳୟ ପକ୍ଷରୁ ଇଂରାଜୀ ଭାଷା ସାହିତ୍ୟ ଉପରେ ଶିକ୍ଷାଦାନ କରୁଥିବା ସଫଳ ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିବା ଜଣାଯାଇଛି।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଜିଲ୍ଲାରୁ ଶତାଧିକ ଶିକ୍ଷକ ଆବେଦନ କରିଥିଲେ। ଆବେଦନକାରୀଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ ୨୦ଟି ବିଷୟ ସମ୍ପର୍କରେ ରହିଥିବା ଉଲ୍ଲେଖନୀୟ ଅବଦାନକୁ ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଶ୍ରୀମତୀ ସାହୁ ଚିରାଚରିତ ଢଙ୍ଗରେ ବିଦ୍ୟାର୍ଥୀଙ୍କୁ ଶ୍ରେଣୀ ଗୃହରେ ପଢ଼ାଇବା ସହ କରୋନା ସମୟରେ ଅନଲାଇନ ଶିକ୍ଷାଦାନ, ଚିତ୍ର ମାଧ୍ୟମରେ ପାଠପଢ଼ାକୁ ଗୁରୁତ୍ୱ, ବିଷୟଭିତ୍ତିକ ପ୍ରଶିକ୍ଷଣ କିଟ୍ ଜରିଆରେ ପଢ଼ାଇବା ପ୍ରଣାଳୀ, ଇ-କଣ୍ଟେଣ୍ଟ କ୍ଲାସ୍, ୟୁଟ୍ୟୁବ୍ କ୍ଲାସ୍, ଟିଚିଙ୍ଗ ଲର୍ଣ୍ଣିଙ୍ଗ ମେଥଡରେ ପାଠପଢ଼ା, ରିଡ୍ ଟୁ ମି କ୍ଲାସ୍, ଲାଇବ୍ରେରୀ କ୍ଲାସ୍, ଡେମୋ କ୍ଲାସେସ୍, ନେଚର ଲର୍ଣ୍ଣିଂ, ଅଭିଭାବକଙ୍କୁ ପ୍ରଶିକ୍ଷଣ ଆଦି ବିଷୟ ଉପରେ ଗୁରୁତ୍ୱ ଦେଇ ପାଠ ପଢ଼ାଇବା ଉପରେ ଗୁରୁତ୍ୱ ଦେଉଥିବାରୁ ତାଙ୍କୁ ଏଭଳି ପୁରସ୍କାର ପାଇଁ ଚୟନ କରାଯାଇଥିବା ପ୍ରକାଶ କରିଛନ୍ତି। ଯାଜପୁର ଜିଲ୍ଲାର ୪୯ ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ଏହି ପୁରସ୍କାର ହାତେଇଛନ୍ତି। ସେମାନଙ୍କ ମଧ୍ୟରେ ତାଙ୍କୁ ସ୍ଥାନ ଦିଆଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସରକାରଙ୍କ ଏହି ପ୍ରୟାସ ଶିକ୍ଷକ ସମାଜକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଏ ଖବର ବିଦ୍ୟାଳୟ ପାଇଁ ଖୁସି ଆଣି ଦେବା ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର କର, ସହାକାରୀ ଶିକ୍ଷୟିତ୍ରୀ/ଶିକ୍ଷକ ମାଣିକ ପ୍ରିୟଦର୍ଶିନୀ, ରଚନା ସାହୁ, ପୁଷ୍ପଲତା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ରଞ୍ଜିତା ସେନାପତି, ରେଣୁବାଳା ପ୍ରଧାନ, ଅମୀୟ ତ୍ରିପାଠୀ, ଅଂଶୁମାନ ନାଥ, ବଦ୍ରିନାରାୟଣ ଦଳାଇ, ହରିହର ମହାରଣା, ମହେନ୍ଦ୍ର ସାହୁ, ଜିତେନ୍ଦ୍ର ଦଳାଇ, ନୀଳମଣି ଆଚାର୍ଯ୍ୟ, ବିଷ୍ଣୁ ଚରଣ ରାଉତ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କୃତି ଶିକ୍ଷୟିତ୍ରୀ ତାଙ୍କ ସଫଳତା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକର୍ମୀଙ୍କ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରିଛନ୍ତି।

# ଗୋପାଳ ପରିବାରର ବନ୍ଧୁମିଳନ

ଟମକା, ୯।୨(ସମିସ): ସ୍ଥାନୀୟ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତର ଅଲେଖପୁର କାଜୁ ବଗିଚାରେ ଗୋପାଳ ପରିବାରର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଗୋପାଳ ଜାତିର ଉନ୍ନତି ଓ ଏକତା ପାଇଁ ସମସ୍ତେ ମିଳିମିଶି କାମ କରିବାପାଇଁ ଆଜିର ବନ୍ଧୁମିଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏ ଅବସରରେ ଟମକା, ମାନପୁର, ଗୋବର୍ଦ୍ଧନପୁର ଗ୍ରାମର ୩୦ ପରିବାରର ସମସ୍ତ ସଦସ୍ୟଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଏହି ବନ୍ଧୁମିଳନରେ ଜଗବନ୍ଧୁ ବେହେରା, ଲକ୍ଷ୍ମୀଧର ବେହେରା, ହରିହର ବେହେରା, ବାବୁଲି ବେହେରା, ଗଗନ ବାରିକ, ମଦନ ବାରିକ, ଶଶୀକଳା ବେହେରା, ଅଭିରାମ ବେହେରା, ମାୟାଧର ବେହେରା, ଚଗଲା ବେହେରା, ପୂର୍ଣ୍ଣିଆ ବେହେରା, ସଦାନନ୍ଦ, ଗଦାଧର ବେହେରା, କେଶବ ବେହେରା, ନରୋତ୍ତମ ବେହେରାଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ।

# ପୂର୍ବତନ ସମିତିସଭ୍ୟ ନିରଞ୍ଜନ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

ହରିପୁର, ୯।୨ (ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ କୁରାଂଶ ନରସିଂହପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ରାହାମ୍ବା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ଦାସଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରହଲ୍ଲାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗ୍ରାମ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପ୍ରବଚକ ବିଭୂତି ଭୂଷଣ ପାଳ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଶିକ୍ଷାବିତ୍ ପ୍ରଦୀପ କୁମାର ସାମଲ, ସମାଜସେବୀ ଗୋପୀନାଥ ପତି, ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ବଟକୃଷ୍ଣ ସାହୁ, ଅଭୟ କୁମାର ଦାସ



ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ ପଣ୍ଡା, ନିର୍ମଳ ରାଉତ, ନଠୁଆବର ସରପଞ୍ଚ ଧ୍ରୁବାନନ୍ଦ ଦେଓ, କାଳନ୍ଦୀ କଣ୍ଠ, ଅମୂଲ୍ୟ କୁମାର ବରାଳ, ରଞ୍ଜିତ ରାଉତ, ଭାଗୀରଥି ଜେନା, ହିମାଂଶୁ ଭୂଷଣ ପାଳ, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରଥମେ ସ୍ୱର୍ଗତ ଦାସଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ମାନସ ରଞ୍ଜନ ପଣ୍ଡା ବେଦପାଠ ଓ ପଣ୍ଡିତ ରବୀନ୍ଦ୍ର କୁମାର ମିଶ୍ର ଗୀତା ପାଠ କରିଥିଲେ। ପୁତ୍ର ସ୍ମୃତିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାଇ ଚିତ୍ତରଞ୍ଜନ ଦାସ, ପୁତ୍ର ସୌମ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ।

ଅବକାରୀ ବିଭାଗ ନିଷ୍କ୍ରିୟ

# କୋରେଇର ପ୍ରତି ଗାଁରେ ଚୋରା ମଦ କାରବାର

କୋରେଇ, ୯।୨(ସମିସ): ବର୍ଷକୁ ବର୍ଷ ନିଶାଖୋରଙ୍କ ସଂଖ୍ୟା ବଢ଼ି ଚାଲୁଥିବାବେଳେ ନିଶା ବେପାର ବି ବଢ଼ିବାରେ ଲାଗିଛି। ଗାଁ ଗହଳିଠାରୁ ଆରମ୍ଭ କରି ସହରର ପ୍ରତ୍ୟେକ ଗଳି କନ୍ଦିରେ ମଦ କାରବାର ବଢ଼ିଚାଲିଛି। ଏହାର ଭୟାବହତା ସମ୍ପର୍କରେ ସରକାର ସଚେତନ ଥିବା ସହିତ ଲୋକଙ୍କୁ ସଚେତନ ମଧ୍ୟ କରାଉଛନ୍ତି। ଏଥିପାଇଁ ଅର୍ଥ ମଧ୍ୟ ଖର୍ଚ୍ଚ କରୁଛନ୍ତି। ନିଶା ପ୍ରତି ସର୍ତକ ରହିବା ଲାଗି ପରାମର୍ଶ ଦିଆଯାଉଛି। ନିଶାଡି ଏହାକୁ ଖାତିରି କରୁନାହାଁନ୍ତି। ଦିନକୁ ଦିନ ମଦୁଆଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯେଉଁ ମାତ୍ରାରେ ଗାଁ ଗହଳିଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ମଦୁଆଙ୍କ ସଂଖ୍ୟା ବଢୁଛି, ସେଥିରୁ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଯେତେ ମଦ ବିକ୍ରି ହେଉଛି ତାହାର ଢେରଗୁଣ ଅଧିକ ଚୋରାରେ ବିକ୍ରି ହେଉଥିବା ଆଲୋଚନା ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳରେ ପରିଲକ୍ଷିତ ହେଉଛି। ଏ ଅଞ୍ଚଳର ବୈତରଣୀ, ନୂଆଗଡ଼, ପାଣିକୋଇଲି ଆଦି ସ୍ଥାନରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିବା ସତ୍ତ୍ୱେ ଗାଁର ପ୍ରତି ଛକରେ ବେଧଡକ ଭାବେ ଚାଲୁଛି ଚୋରା ମଦ କାରବାର। ଚୋରାମଦ କାରବାର ବିଷୟରେ ଜାଣି ମଧ୍ୟ ପୁଲିସ ଓ ଅବକାରୀ ବିଭାଗ ନିଦାବିଷ୍ଟୁ ସାଜିଥିବା ଅଭିଯୋଗ ହେଉଛି। କୋରେଇ ଥାନା ଅନ୍ତର୍ଗତ ଗୋପାଳପୁର, ତୋରନ୍ଦା, ବେଲଟିକିରି ଛକ, ରଗଡ଼ି ଛକ, କାମୁଡେଇ ଛକ, କିଆପଦା, ଅନ୍ଧାରୀ, ମଲାରିଆ, ନୂଆସାହି, ମଣ୍ଡପଡ଼ା, ପାଟରଙ୍ଗା, କଣ୍ଟାଝରୀ, ଇଟାପୁର, ସାଦକପୁର, ହଳଦୀଗଡ଼ିଆ, ତାରାକୋଟ, ତୁଳତୀ, ବରୁଣ୍ଡେଇ, ଅସନଝର, କନ୍ତୋର, ଗୌରପୁର, ପଚ୍ଛିକୋଟ, କଡ଼ମା, ଗୋଦରାପାଳ, ଗୌରାପାଳ, ବନ୍ଧାଳ, ସୋଲବନ୍ଧୀ, ମୁକୁନ୍ଦପୁର, କରଦା, ମୂଳାପାଳ, ଶାଳକଣା, ଅମୃତିଆ, ଶଙ୍ଖଚିଲା, ସୋଲପଟା, ହଟପୁର ଛକ, ଇଛାପୁର ଆଦି ବିଭିନ୍ନ ଗ୍ରାମରେ ବହୁଳ ଭାବେ ମଦ ବିକ୍ରି ହେଉଛି। ଅବକାରୀ ବିଭାଗ କାଁ ଭାଁ ଚଢ଼ଉ କରି ଚୁପ୍ ରହିଯାଉଛି। ଏହି ମଦ ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଦିନକୁ ଦିନ ଏହା ବଢ଼ିବାରେ ଲାଗିଛି। ଗାଁ ଗାଁ ରେ ଖୁଲମଖୁଲା ମଦ ବିକ୍ରି ହେଉଛି। ଫଳରେ ମଦ୍ୟପଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଯୁବପିଢି ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି। ପରିବାର ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଏହାର ପ୍ରଭାବ ସିଧାସଳଖ ଗରିବ ଖଟିଖିଆ ଦିନମଜୁରିଆଙ୍କ ଉପରେ ପଡୁଛି। ଏହାକୁ ଦୃଷ୍ଟି ଦେଇ ଯାଜପୁର ଜିଲ୍ଲାପାଳ ଓ ଅବକାରୀ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏହି ଚୋରା ମଦ କାରବାର ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।

